

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୨ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 12 NOVEMBER 2020
Vol.No. 30 ■ No. 286 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନାଗାର୍ଜୁନ ବେଶ ନଭେମ୍ବର୍ ୨୭ରେ

ପୁରୀ,୧୧।୧୧ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ନାଗାର୍ଜୁନ ବେଶ ଚଳିତ ମାସ ୨୭ ତାରିଖ ରେ ଅନୁଷ୍ଠିତ ହେବ । ଏଥିପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଏଥିରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଯୋଗ ଦେଇଥିଲେ କ୍ଷ ପରେ ଗଣମାଧ୍ୟମ କୁ ସୂଚନା ଦେଇ କହିଲେ ନାଗର୍ଜୁନ ବେଶ ଠିକ ସମୟରେ ହେବ କ୍ଷ ନିର୍ମାଣ କାର୍ଯ୍ୟ ଠିକ ଚାଲିଛି । ନାଗାର୍ଜୁନ ବେଶ ରେ ସଂମୃକ୍ତ ସମସ୍ତ ପାଳିଆ ସେବକ ଙ୍କ ସହ ଆଲୋଚନା ହୋଇଚି କ୍ଷ ଏବର୍ଷ କାର୍ତିକ ପଂଚୁକ ଛଅ ଦିନ ପଡୁଥିବାରୁ ଦ୍ୱାଦଶୀ ମଳତିଥି ରେ ବେଶ କରାଯିବ । ଦାତା, ଯଜମାନ, ବେଶ କାରିଗର ଉପସ୍ଥିତ ଥିଲେ। ନଭେମ୍ବର ୨୬ ରାତି ୧୨ ଟାରେ ପହୁଡ଼, ୨ଟାରେ ଦ୍ୱାରଫିଟା ପରେ ୪ ରୁ ବେଶ ଆରମ୍ଭ ହୋଇ ସକାଳ ୭ ଟା ରେ ▶▶ପୃଷ୍ଠା ୭

# କଟକରେ ଆୟକର ଆପିଲେଟ ଟ୍ରିବ୍ୟୁନାଲ ଉଦ୍‌ଘାଟନ କଲେ ମୋଦି



ନୂଆଦିଲ୍ଲୀ/କଟକ,୧୧।୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀ ଆଜି ଭିଡିଓକନଫରେନ୍ସ ଜରିଆରେ ଆୟକର ଟିକସ ଆପିଲେଟ ଟ୍ରିବ୍ୟୁନାଲ ର କଟକ ବେଂଚ କାର୍ଯ୍ୟାଳୟ ଓ ଆବାସିକ ପରିସରକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ବେଂଚଏଣିକି କେବଳ ଓଡ଼ିଶାର ନୁହେଁ ପୂର୍ବ ଏବଂ ଉତର ପୂର୍ବ ଭାରତର ଲକ୍ଷ ଲକ୍ଷ ଟିକସଦାତାଙ୍କୁ ଆଧୁନିକ ସୁବିଧା ଯୋଗାଇଦେବଏବଂଏହି କ୍ଷେତ୍ରରେ ଥିବା ସମସ୍ତ ବକେୟା ମାମଲା ସମାଧାନ କରିବାରେ ସହାୟକ ହେବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶ ଆଜି ଟିକସ ଆତଙ୍କବାଦ ରୁ ଟିକସସ୍ୱଚ୍ଛତାରେ ପହଂଚିଛି । ସରକାରଙ୍କର ସଂସ୍କାର, ପ୍ରଦର୍ଶନ ଓ ରୂପାନ୍ତରଣ ଆଭିମୁଖ୍ୟ କାରଣରୁଏହିପରିବର୍ତନ ସମ୍ଭବ ହୋଇପାରିଛି ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରଯୁକ୍ତି ସହାୟତାରେ ନିୟମଏବଂ ପ୍ରକ୍ରିୟାରେ ସଂସ୍କାରଅଣାଯାଇଛି ବୋଲି ସେକହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ସମ୍ପତି ନିର୍ମାତାମାନଙ୍କର ସମସ୍ୟା ଯେତେବେଳେ ହ୍ରାସ ପାଇଥାଏ, ସେମାନେ ସୁରକ୍ଷା ପାଇଥାନ୍ତି, ତା'ପରେ ଯାଇଦେଶର ବ୍ୟବସ୍ଥା ପ୍ରତି ସେମାନଙ୍କର ଆସ୍ଥା ବୃଦ୍ଧି ପାଇଥାଏ। ସେ ଆହୁରି କହିଥିଲେ ଯେ ବୃଦ୍ଧିପାଉଥିବା ଏହି ବିଶ୍ୱାସ କାରଣରୁ ଅଧିକରୁ ଅଧିକ ସହଯୋଗୀ ଟିକସ ବ୍ୟବସ୍ଥା ସହ ଯୋଡ଼ି ହେବ ।ଲାଗି ଆଗେଇ ଆସୁଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଟିକସ ହ୍ରାସ ଏବଂ ପ୍ରକ୍ରିୟା କୁ ସରଳ କରାଯିବା ସହିତ ସଚ୍ଚୋଟ ଟିକସ ଦାତାଙ୍କ ସମ୍ମାନ ରକ୍ଷା କରିବା ଏବଂ ସେମାନଙ୍କୁ ସୁରକ୍ଷା ଦେବା ଲାଗି ବଡ଼ ସଂସ୍କାର ଅଣାଯାଇଛି। ଦାଖଲ ହୋଇଥିବା ଆୟକର ରିଟର୍ଣ୍ଣକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସକୁ ନେବା ସରକାରଙ୍କ ଚିନ୍ତା ପ୍ରକ୍ରିୟାର ଅଂଶ ବିଶେଷ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଯାହାର ଫଳସ୍ୱରୂପ ଆଜି ଦେଶରେ ଦାଖଲ କରାଯାଉଥିବା ୯୯.୭୫ ପ୍ରତିଶତ ଆୟକର ରିଟର୍ଣ୍ଣ ବିନା ଆପତିରେ ଗ୍ରହଣ କରାଯାଉଛି। ସେ କହିଥିଲେ ଦେଶର ଟିକସ ବ୍ୟବସ୍ଥାରେ ଏହା ଏକ ବଡ଼ ପରିବର୍ତନ। ମୋଦୀ କହିଥିଲେ ଯେ ଦୀର୍ଘଦିନର ଗୋଲାମୀ ଟିକସଦାତା ଓ ଟିକସ ଗ୍ରହିତାଙ୍କ ମଧ୍ୟରେ ସମ୍ପର୍କକୁ ଶୋଷିତ ଓ ଶୋଷଣକାରୀରେ ପରିବର୍ତିତ କରିଦେଇଥିଲା। ଯେତେବେଳେ ବାଦଲ ବର୍ଷିଥାଏ, ସମସ୍ତେ ଲାଭ ପାଇଥାନ୍ତି; କିନ୍ତୁ ଯେତେବେଳେ ବାଦଲ ସୃଷ୍ଟି ହୋଇଥାଏ, ସୂର୍ଯ୍ୟ ଜଳ ଶୋଷି ନେଇଥାନ୍ତି, ସେତେବେଳେ କାହାକୁ ଅସୁବିଧାରେ ପକାଇ ନଥାନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, ସାଧାରଣଲୋକଙ୍କ ▶▶ପୃଷ୍ଠା ୭

## ଗୋଟିଏ ପରିବାରର ୬ ଜଣଙ୍କୁ ହତ୍ୟା: ପୋଲିସର ଛାନଭିନ୍ ଜାରୀ



ବଲାଙ୍ଗିର,୧୧।୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅନ୍ତର୍ଗତ ସଅଁରାପଡ଼ାରେ ଗୋଟିଏ ପରିବାରର ୬ ଜଣଙ୍କୁ ହତ୍ୟା କରାଯାଇଛି । ମୃତକ ମାନେ ହେଲେ ବୁଲୁ ଜାନି, ତାଙ୍କ ପତ୍ନୀ, ସେମାନଙ୍କର ଦୁଇ ପୁଅ ଓ ଦୁଇ ଝିଅ । ଜିଲ୍ଲା ଏସପି, ପାଟଣାଗଡ଼ ଥାନା ପୋଲିସ ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ କରି ଫେରିଛନ୍ତି । ସମସ୍ତ ମୃତକଙ୍କ ମୁଣ୍ଡ ପଛ ପାର୍ଶ୍ୱରେ ଗଭୀର କ୍ଷତ ରହିଥିବାରୁ କେହି ପରିବାର ସଦସ୍ୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ତେବେ କିଏ ଓ କାହିଁକି ଏମାନଙ୍କୁ ହତ୍ୟା କରିଛି ତାହା ବର୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି । ପ୍ରକାଶ ଥାଉ କି, ବୁଲୁ ୧୦ ବର୍ଷ ହେବ ନିଜ ପରିବାର ସହିତ ସଅଁରାପଡ଼ାରେ ରହି ଆସୁଥିଲେ ।

## ଶିଳ୍ପ ସଂସ୍ଥାର ବର୍ଜ୍ୟ ଧରିତ୍ରୀ ପ୍ରତି ବିପଦ ସୃଷ୍ଟି ନକରୁ : ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୧୧।୧୧ (ନି.ପ୍ର): ଶିଳ୍ପ ସଂସ୍ଥାଗୁଡ଼ିକରୁ ନିର୍ଗତ କଠିନ ବର୍ଜ୍ୟବସ୍ତୁସବୁ ସୁନ୍ଦର ଧରିତ୍ରୀକୁ ପ୍ରଦୂଷିତ ନକରୁ ସେଥିପାଇଁ ସମସ୍ତ ଶିଳ୍ପସଂସ୍ଥା ବର୍ଜ୍ୟ ପରିଚାଳନାକୁ କଡ଼ାକଡ଼ି ଭାବେ ପାଳନ କରିବା, ଏଥି ପ୍ରତି ରହିଥିବା ନୀତିର ଅନୁସରଣ କରିବାକୁ ଗୁରୁତ୍ୱଦେବା ଉପରେ ଶିଳ୍ପ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ମତ ରଖିଛନ୍ତି। ଗତକାଲି ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ଭର୍ଚୁଆଲ୍ ଇ-ସମ୍ମିଳନୀରେ ସେ ଏହା ପ୍ରକାଶ କରିଛନ୍ତି। ପ୍ରଦୂଷଣ ଯେପରି ଆମର ଜୀବନ ପ୍ରତି ବିପଦ ସୃଷ୍ଟି ନକରେ, ବିଶେଷ ଭାବେ ଶିଳ୍ପ ସଂସ୍ଥାରୁ ବାହାରୁ ଥିବା ବର୍ଜ୍ୟ ଏହାର କାରଣ ନହେଉ ସେଥିପାଇଁ ସେ ସମସ୍ତ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ନୂତନ ଜ୍ଞାନକୌଶଳର ଅବଲମ୍ବନରେ ଏହାର ସୁସ୍ଥ ପରିଚାଳନା କରିବାକୁ ଦାୟିତ୍ୱ ନେବାକୁ ନିବେଦନ କରିଥିଲେ। ବିଶେଷ କରି ଡାକ୍ତରଖାନାର କଠିନ ବର୍ଜ୍ୟର ବାୟୋ-ଟ୍ରିଟ୍‌ମେଂଟ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ଶିଳ୍ପସଂସ୍ଥାଗୁଡ଼ିକର ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଦକ୍ଷତା ବିକାଶ ଏବଂ ▶▶ପୃଷ୍ଠା ୭

## ଡିସେମ୍ବର ୮ରୁ ଇକୋ ରିଟ୍ରିଟ୍: ବୁକିଂ ଆରମ୍ଭର ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୧।୧୧ (ନି.ପ୍ର): ବର୍ଷେ ପୂର୍ବେ କୋଣାର୍କରେ ମେରାଇନ୍ ଡ୍ରାଇଭ୍ ରେ ଆରମ୍ଭ ହୋଇଥିବା ଇକୋ ରିଟ୍ରିଟ୍ ପୁଣି ଥରେ ତିନି ମାସିଆ ଗ୍ଲାମିଂ ଫେଷ୍ଟିଭାଲ୍ ହେବାକୁ ଯାଉଛି । ବୁଧବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଏହାରେ ବୁକିଂ ଆରମ୍ଭ ନେଇ ଘୋଷଣା କରିଛନ୍ତି। ଏହାସହ ଏହି କାର୍ଯ୍ୟକ୍ରମର ନୂତନ ଲୋଗୋକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। କୋଣାର୍କ ଠାରେ ଏହାର ସଫଳତା ପରେ ଏଥର ମୋଟ ୫ ଟି ସ୍ଥାନ ଯଥା କୋଣାର୍କ , ହୀରାକୁଦ , ଭିତରକନିକା,ଦାରିଂବାଡି ଓ ସାତକୋଶିଆରେ ଇକୋ ରିଟ୍ରିଟ୍ ଆୟୋଜିତ ହେବ। ଏହା ୮ ଡିସେମ୍ବରରୁ ୨୦୨୧, ୨୮ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଭାରତର ଯେକୌଣସି ସ୍ଥାନରୁ ଓଡିଶା ପର୍ଯ୍ୟଟନର ପୋର୍ଟାଲ ecoretreat. odishatourism. gov. in ରେ ଇକୋ ରିଟ୍ରିଟ୍ ବୁକିଂ କରିହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗତ ବର୍ଷ କୋଣାର୍କରେ ଥିବା ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍ ସଫଳ ହୋଇଥିଲା।

## ସହରାଂଚଳରେ ମଜୁରିଭିତ୍ତିକ ରୋଜଗାର କାର୍ଯ୍ୟକ୍ରମରେ ସହଭାଗୀ ମିଶନ ଶକ୍ତି ଏସ୍ଏଚ୍‌ଜି

ଭୁବନେଶ୍ୱର,୧୧।୧୧ (ନି.ପ୍ର): ରାଜ୍ୟ ସରକାର ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହଯୋଗିତାରେ ରାଜ୍ୟର ୧୧୪ଟି ପୌରସଂସ୍ଥା ଅଧୀନରେ ଥିବା ଅଣସଂଗଠିତ ଶ୍ରମିକମାନଙ୍କର ରୋଜଗାର ସୃଷ୍ଟି ପାଇଁ ସହରାଂଚଳ ମଜୁରିଭିତିକ ନିଯୁକ୍ତି କାର୍ଯ୍ୟକ୍ରମ (ଅର୍ବାନ୍ ୱେଜ୍ ଏମ୍ପ୍ଲୟମେଂଟ ଇନିସିଏଟିଭ୍)ର ଶୁଭାରମ୍ଭ କରିଛନ୍ତି । ସହରାଂଚଳର ଗରିବ ଶ୍ରେଣୀର ଲୋକମାନଙ୍କୁ ମହାମାରୀ ସମୟରେ ମଜୁରିଭିତିକ ଉପାର୍ଜନ ଯୋଗାଇଦେବା ଦିଗରେ ସାରା ଦେଶରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ । କୋଭିଡ୍-୧୯ର ପ୍ରତିକୂଳ ସ୍ଥିତିର ମୁକାବିଲା କରିବା ସହ ମୌସୁମୀ ପାଇଁ ପ୍ରସ୍ତୁତି ତଥା ସର୍ବସାଧାରଣ ସଂପତିଗୁଡ଼ିକର ନିର୍ମାଣ ଓ ରକ୍ଷଣାବେକ୍ଷଣ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅଭିନବ ଜୀବିକା କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସମସ୍ତ ପ୍ରକଳ୍ପର କାର୍ଯ୍ୟକାରୀ ସହଯୋଗୀ ଭାବେ କାର୍ଯ୍ୟଗୁଡ଼ିକର ତଦାରଖ ଏବଂ ପରିଚାଳନା କରିବେ। ଏହି ଯୋଜନା ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରାଯିବ। ପ୍ରଥମ ଥର ପାଇଁ ମିଶନ ଶକ୍ତି ସହରାଂଚଳ ଏସ୍ଏଚ୍‌ଜି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ସହଯୋଗୀ ଭାବେ ନିୟୋଜିତ ହୋଇଛନ୍ତି । ▶▶ପୃଷ୍ଠା ୭

## ରାଜ୍ୟରେ କଂଗ୍ରେସ ଶକ୍ତିହୀନ, ଆଗକୁ ଦ୍ୱିପାକ୍ଷିକ ଲଢେଇ : ବିଜେପି



ଭୁବନେଶ୍ୱର,୧୧।୧୧ (ନି.ପ୍ର): କରୋନା ମହାମାରୀ ସମୟରେ ରାଜ୍ୟରେ ଦୁଇଟି ଉପନିର୍ବାଚନ ଶେଷ ହୋଇଛି । ଏଭଳି ଏକ ସଙ୍କଟ ସମୟରେ ଘରୁ ବାହାରି ନିଜ ମତ ସାବ୍ୟସ୍ତ କରିଥିବାରୁ ବାଲେଶ୍ୱର ଏବଂ ତିର୍ତୋଲବାସୀଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଧନ୍ୟବାଦ ଦେବା ସହ ଏହି ଜନମତକୁ ନମ୍ରତାର ସହ ସ୍ୱୀକାର କରି ଲୋକଙ୍କ ରାୟଙ୍କୁ ସମ୍ମାନ ଜଣାଇଛନ୍ତି। ସେହିପରି ଏହି ଦୁଇଟି ବିଧାନସଭାରେ କରୋନା ସମୟରେ ଘରୁ ବାହାରି କଠିନ ପରିଶ୍ରମ କରିଥିବା ଦଳୀୟ ନେତା ଏବଂ କାର୍ଯ୍ୟକର୍ତାଙ୍କୁ ଶ୍ରୀ ମହାନ୍ତି ସାଧୁବାଦ ଜଣାଇଛନ୍ତି । ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରି ରାଜ୍ୟବାସୀଙ୍କ ବିଶ୍ୱାସଭାଜନ ହେବୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ବାଲେଶ୍ୱର ଏବଂ ତିର୍ତୋଲ ଉପନର୍ବାଚନକୁ ବିଜେପି ପ୍ରସଙ୍ଗ ଭିତିକ ଭାବେ ଲଢେଇ କରିଥିଲା । ଅନ୍ୟପଟେ କଂଗ୍ରେସର କେବଳ ମିଥ୍ୟା ପ୍ରଚାର ଛଡା ଆଉ କୌଣସି ପ୍ରସଙ୍ଗ ନଥିଲା । ରାଜ୍ୟରେ ଏବେ କଂଗ୍ରେସ ଶକ୍ତିହୀନ ହୋଇପଡିଛି । ଉପନିର୍ବାଚନରେ ଏହାର ସଙ୍କେତ ମିଳିଛି । ୨୦୧୯ ନିର୍ବାଚନରେ ବିଜେପିକୁ ବିରୋଧୀ ଦଳର ମାନ୍ୟତା ଦେଇ କଂଗ୍ରେସକୁ ବ୍ୟାକଫୁଟକୁ ଠେଲିଥିଲେ ଓଡିଶାର ଜନତା । ଦୁଇ ନମ୍ବର ସ୍ଥାନରୁ ତିନି ନମ୍ବର ସ୍ଥାନକୁ ଖସିବା ପରେ ବି କଂଗ୍ରେସ ଦେଢ ବର୍ଷ ମଧ୍ୟରେ କେବଳ ରାଜ୍ୟବାସୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ବିଭ୍ରାନ୍ତି କରି ଚାଲିଛି । ଆଗାମୀ ନିର୍ବାଚନରେ ଓଡିଶା କଂଗ୍ରେସ ମୁକ୍ତ ହେବାବେଳେ ରାଜ୍ୟରେ କେବଳ ଦ୍ୱିପାକ୍ଷିକ ନିର୍ବାଚନ ହେବ ବୋଲି ଏହି ଉପନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଗୋଲକ ମହାପାତ୍ର ଏବଂ ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୪୬୯ ହେଲା

ଭୁବନେଶ୍ୱର,୧୧।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୬୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ୪ ଜଣ ଥିବା ବେଳେ କଟକ ଜିଲ୍ଲାର ୩ ଜଣ ଅଛନ୍ତି। ସେହିପରି ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ୨-୨ ଜଣ ତଥା ଅନୁଗୁଳ, ଖୋର୍ଧା, ସମ୍ବଲପୁର ଓ ମୟୂରଭଂଜ ଜିଲ୍ଲାର ଜଣେ ଜଣେ ଅଛନ୍ତି ।

## ଆଇଟିଏଟିର୍ ନୂତନ କାର୍ଯ୍ୟାଳୟ ଲକ୍ଷାଧିକ ଲୋକଙ୍କୁ ଅତ୍ୟାଧୁନିକ ସୁବିଧା ଯୋଗାଇବ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୧।୧୧ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ "ରିଫର୍ମ, ପର୍ଫମ, ଓ ଟ୍ରାନ୍ସଫର୍ମ" ମନ୍ତ୍ର ଦେଶର ସମସ୍ତ ନାଗରିକଙ୍କୁ ସଶକ୍ତ କରିବା ସହ ଭାରତର ଅର୍ଥନୀତିରେ ଦେଶବାସୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭରେ ଯୋଡ଼ିବା ଦିଗରେ ଭାରତ ସରକାରଙ୍କ ଉଦ୍ୟମକୁ ମାର୍ଗଦର୍ଶନ ଦେଉଅଛି ବୋଲି ବୁଧବାର ଭିଡ଼ିଓ କନଫରେନ୍ସିଂ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କଟକ ସ୍ଥିତ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ(ଆଇଟିଏଟି)ର ଅତ୍ୟାଧୁନିକ କାର୍ଯ୍ୟାଳୟ ଏବଂ ଆବାସିକ ପରିସର ଉଦଘାଟନ ହେବା ଅବସରରେ ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କହିବାନୁଯାୟୀ ଆଇଟିଏଟିର ଏହି ନୂତନ କାର୍ଯ୍ୟାଳୟ ଓଡ଼ିଶା ସମେତ ପୂର୍ବ ଭାରତ ଏବଂ ଉତର-ପୂର୍ବ ଭାରତରେ ଲକ୍ଷାଧିକ ଲୋକଙ୍କୁ ଅତ୍ୟାଧୁନିକ ସୁବିଧା ଯୋଗାଇବାରେ ସହାୟକ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ 'ଟିକସ ଆତଙ୍କବାଦ'ରୁ 'ଟିକସ ସ୍ୱଚ୍ଛତା' ଆଡ଼କୁ ଅଗ୍ରସର ହୋଇଛି । ମୋଦି ସରକାର ସଚ୍ଚୋଟ କରଦାତାମାନଙ୍କ ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୧୨୨୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨୨୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୫୦୦୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୨୯୧୧୩୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୨୩୪୧ ରହିଛି । ଆଜି ଚିହ୍ନଟ ହୋଇଥିବା ୧୨୨୦ ଜଣଙ୍କ ମଧ୍ୟରୁ ୭୦୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୧୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ▶▶ପୃଷ୍ଠା ୭




## ଭୁବନେଶ୍ୱରରୁ ୫୯ ପଜିଟିଭ୍ , ୭୫ ସୁସ୍ଥ

ଭୁବନେଶ୍ୱର,୧୧।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏହି କ୍ରମରେ ବୁଧବାର ରାଜଧାନୀରୁ ଆଉ ୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୫ ଜଣ ସଂଗରୋଧ ଓ ୫୪ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୭୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୯,୮୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ▶▶ପୃଷ୍ଠା ୭

# ମୟୂରଭଞ୍ଜ ଜିଲ୍ଲାରେ ପାଇଲଟ୍ ପ୍ରକଳ୍ପ ଭାବେ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଚୂନା ମାଛକୁ ସାମିଲ କରାଯିବ

## ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଏବଂ ୱାଲର୍ଡ ଫିସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୧।୧୧ (ନି.ପ୍ର): ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନବାଡ଼ି କେନ୍ଦ୍ରରେ ୩ରୁ ୬ ବର୍ଷ ବୟସର ଶିଶୁ, ଗର୍ଭବତୀ ଓ ପ୍ରସୂତୀ ମହିଳା ଏବଂ କିଶୋରୀମାନଙ୍କୁ ଯୋଗାଇ ଦିଆଯାଉଥିବା ପରିପୂରକ ପୁଷ୍ଟିସାଧନ ଖାଦ୍ୟ ତାଲିକାରେ ଚୂନା ମାଛକୁ ସାମିଲ କରାଯିବ । ପାଇଲଟ୍ ପ୍ରକଳ୍ପ ଭାବେ ମୟୂରଭଞ୍ଜ ଜିଲ୍ଲାର ୫୦ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଯୋଜନା ଆରମ୍ଭ କରାଯିବ । ଏଥି ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଭର୍ଚୁଆଲ୍ ବୈଠକରେ ଆଜି ଅପରାହ୍ଣରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଏବଂ ମତ୍ସ୍ୟ ଉତ୍ପାଦନ, ଗବେଷଣା ଏଥିପାଇଁ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦେଉଥିବା ଅନ୍ତର୍ଜାତୀୟ ସଂସ୍ଥା ୱାଲର୍ଡ ଫିସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ପୁଷ୍ଟିସାଧନ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଅଗ୍ରଗତି ସଂପର୍କରେ ସିଏନ୍ଏନ୍, ନିତି ଆୟୋଗ, ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (ଆଇଏଫ୍‌ପିଆ?ଆଇ) ପ୍ରଭୃତି ଅନୁଷ୍ଠାନର ସକରାତ୍ମକ ରିପୋର୍ଟ ମିଳିଥିବାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ୫'ଟି' ପଦକ୍ଷେପ ସ୍ୱରୂପ ନୂତନ ଏବଂ ଅଭିନବ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାକୁ ସାରା ଦେଶରେ ପୁଷ୍ଟିସାଧନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟର ପରିଣତ କରିବା ନିମନ୍ତେ ପ୍ରୟାସ ଜାରି ରହିଛି । ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିସନ୍, ସିଏଫ୍‌ଟିଆରଆଇ, ଆଇସିଏମ୍‌ଆର୍, ଆରଏମ୍‌ଆରସିର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବୈଷୟିକ ଉପଦେଷ୍ଟା ଦଳଙ୍କ ପରାମର୍ଶ କ୍ରମେ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ମାଛକୁ ସାମିଲ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି । ପାଇଲଟ୍ ପ୍ରକଳ୍ପ ସଫଳ ହେଲେ ଏହି କାର୍ଯ୍ୟକ୍ରମ ଜିଲ୍ଲାର ଅନ୍ୟ ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ପ୍ରସାରିତ କରାଯିବ । ଏହି ବୁଝାମଣାପତ୍ର ସ୍ୱାକ୍ଷରର ଉଦ୍ଦେଶ୍ୟ ହେଉଛି, ଗ୍ରାମ ପଂଚାୟତ ପୋଖରୀରେ ମାଛ ଚାଷ କରୁଥିବା ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରଶିକ୍ଷଣ ଦେଇ ସକ୍ରିୟ କରିବା, ମାଛ ପ୍ରକ୍ରିୟାକରଣ ଏବଂ ବଜାର ସଂଯୋଗୀକରଣ ଯୋଗାଇବା, ପୁଷ୍ଟିସାଧନ କ୍ଷେତ୍ରରେ ମାଛର ଉପାଦେୟତା ସଂପର୍କରେ ସାମାଜିକ ଏବଂ ବ୍ୟବହାରିକ ସଚେତନତା ସୃଷ୍ଟି କରିବା, ବିଭାଗର ପୁଷ୍ଟିସାଧନ ପ୍ରବକ୍ତା ଟିଂକି ମାଉସୀର ସହଯୋଗରେ ବ୍ୟାପକ ପ୍ରଚାରପ୍ରସାର କରିବା ଏବଂ କାର୍ଯ୍ୟକ୍ରମରେ ସଂପୃକ୍ତ ସମସ୍ତଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବୈଷୟିକ ଶିକ୍ଷାକୁ ନଥିକରଣ କରିବା । ଅଧିକ ମାଛ ଉତ୍ପାଦନ ହେଉଥିବା ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆଧୁନିକ ସୌର ଶକ୍ତି ଚାଳିତ ବୈଷୟିକ ଜ୍ଞାନକୌଶଳରେ ମାଛ ଶୁଖାଇବା ଏବଂ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍ଏସ୍ଏସ୍ଏଆଇ)ଙ୍କ ମାନ ଅନୁସାରେ ମାଛଗୁଣ୍ଡ ପ୍ରସ୍ତୁତି ସଂପର୍କରେ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ପାଇଁ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଏବଂ ୱାଲର୍ଡ ଫିସ୍‌କୁ ଅଭିନନ୍ଦନ ଜଣାଇ ଉନ୍ନୟନ କମିଶନର ଶ୍ରୀ ମହାପାତ୍ର କହିଲେ ଏଭଳି ଏକ ୫ ବର୍ଷିଆ ବୈଷୟିକ ସହଯୋଗଭିତିକ କାର୍ଯ୍ୟକ୍ରମ ରାଜ୍ୟର ପୁଷ୍ଟିସାଧନ କାର୍ଯ୍ୟକ୍ରମକୁ ଆହୁରି ଦୃଢ଼ୀଭୂତ କରିବ । ଏହା ଦ୍ୱାରା ସ୍ଥାନୀୟ ସମ୍ବଳ ଭାବେ ଉପଲବ୍ଧ ଥିବା ମାଛର ଉତମ ଉପଯୋଗ ହେବା ସହ ଭବିଷ୍ୟତରେ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ମଧ୍ୟ ସଶକ୍ତ କରିବ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ମାଛରେ ପ୍ରଚୁର ପରିମାଣରେ ଲୌହ, ଜିଙ୍କ୍, କ୍ୟାଲସିୟମ୍, ଭିଟାମିନ୍ (ଏ, ବି, ଡି, ଇ) ଏବଂ ଓମେଗା-୩ ଫ୍ୟାଟି ଏସିଡ୍ ମହଜୁଦ ଥାଏ । ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ମାଛକୁ ସାମିଲ କରିବା ଦ୍ୱାରା ପୁଷ୍ଟିସାଧନ କ୍ଷେତ୍ରରେ ଏହା ଏକ ସଂପୂର୍ଣ୍ଣ ରୂପାନ୍ତର ଆଣିପାରିବ । ୩ରୁ ୬ ବର୍ଷ ବୟସର ଶିଶୁ, ଗର୍ଭବତୀ ଓ ପ୍ରସୂତୀ ମହିଳା ଏବଂ କିଶୋରୀମାନଙ୍କ ଅତିରିକ୍ତ ପୁଷ୍ଟିସାଧନ ସହିତ ଏହା ମଧ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବ । ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶିକା ଶ୍ରୀମତୀ ସୁଜାତା କାର୍ତ୍ତିକେୟନ୍ କହିଥିଲେ ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ସହ ସମନ୍ୱୟରେ ଚୂନା ମାଛ ଉତ୍ପାଦନ ଏବଂ ଶୁଖିଲା ମାଛ ପ୍ରସ୍ତୁତିରେ ନିୟୋଜିତ ଅଛନ୍ତି । ପର୍ଯ୍ୟାପ୍ତ ପୁଷ୍ଟିସାଧନ ସହ ଅର୍ଥନୈତିକ ସୁଯୋଗ ସୃଷ୍ଟି ନିମନ୍ତେ ଏହି କାର୍ଯ୍ୟକ୍ରମ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ । ୱାଲର୍ଡ ଫିସ୍‌ର ମହାନିର୍ଦ୍ଦେଶକ ଡ. ଗରେଥ୍ ଜନଷ୍ଟୋନ୍ ସଂସ୍ଥାର ବୈଷୟିକ ବିଶେଷଜ୍ଞମାନେ ୬ ମାସ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ପରିବେଶରେ ସୌରଚାଳିତ ମାଛ ଶୁଖା ଯନ୍ତ୍ର ସାହାଯ୍ୟରେ ମାଛ ଶୁଖାଇବା ସଂପର୍କରେ ଜ୍ଞାନକୌଶଳ ଯୋଗାଇଦେବେ ବୋଲି ସୂଚନା ଦେଇଥିଲେ । କୋଚି ସ୍ଥିତ ସେଂଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିସରୀ ଟେକ୍‌ନୋଲୋଜି, ଯିଏକି ଭାରତରେ ୱାଲର୍ଡ ଫିସ୍‌ର ଗବେଷଣା ସହଯୋଗୀ, ସେମାନଙ୍କ ଦ୍ୱାରା ସ୍ୱଳ୍ପ ମୂଲ୍ୟର ପଲିହାଉସ୍ ସୌରଚାଳିତ ମାଛ ଶୁଖା ଯନ୍ତ୍ର ଯୋଗାଇ ଦିଆଯିବ । ଓଡ଼ିଶା ସରକାରଙ୍କ ସ୍ଥାନୀୟ ଅଂଚଳରୁ ଉତ୍ପାଦିତ ବିପୁଳ ମତ୍ସ୍ୟସମ୍ବଳକୁ ପୁଷ୍ଟିସାଧନ ପାଇଁ ବିନିଯୋଗ କରିବା ସହ ସମ୍ବେଦନଶୀଳ ବର୍ଗଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନିଆଯାଇଥିବା ଏହି ପଦକ୍ଷେପକୁ ୟୁଏସ୍‌ଏଆଇଡିର କାର୍ଯ୍ୟକାରୀ ମିଶନ ନିର୍ଦ୍ଦେଶକ ରାମୋନା ଏଲ୍. ହାମ୍‌ଜୋଇ ଉଚ୍ଚ ପ୍ରଶଂସା କରିଥିଲେ । ଖୁବ୍‌ଶୀଘ୍ର ସମଗ୍ର ରାଜ୍ୟରେ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ମାଛକୁ ସାମିଲ କରିବା ସଂପର୍କରେ ବୈଷୟିକ-ଅର୍ଥନୈତିକ ବ୍ୟବହାରିକ ବିବରଣୀ ୱାଲର୍ଡ ଫିସ୍ ପକ୍ଷରୁ ପ୍ରସ୍ତୁତ କରି ବିଭାଗକୁ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ବିଭାଗ ତରଫରୁ ନିର୍ଦ୍ଦେଶକ ଏବଂ ୱାଲର୍ଡ ଫିସ୍, ଓଡ଼ିଶାର ପ୍ରୋଗ୍ରାମ ମ୍ୟାନେଜର ଡ. ଅରୁଣ ପୋଦ୍ଦିଆର ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଟିଂକି ମାଉସୀଙ୍କ ଦ୍ୱାରା ଚୂନା ମାଛ ଖାଇବାର ଉପାଦେୟତା ସଂପର୍କରେ ଏକ ଆନିମେସନ୍ ଭିଡ଼ିଓ ଏବଂ ଶୁଖିଲା ଚୂନା ମାଛକୁ ଏସ୍ଏନ୍‌ପିରେ ସାମିଲ କରିବା ସଂପର୍କିତ ଏସ୍‌ଓପିର ଉନ୍ମୋଚନ କରାଯାଇଥିଲା । ନିର୍ଦ୍ଦେଶକ, ସମାଜ କଲ୍ୟାଣ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର କମିଶନର ଶ୍ରୀ ରଘୁପ୍ରସାଦ, ମତ୍ସ୍ୟ ଗବେଷଣା ନିର୍ଦ୍ଦେଶକ ମାଇକେଲ୍ ଫିଲିପସ୍, ନ୍ୟୁଟ୍ରିସନ୍ ଆଣ୍ଡ ଭାଲ୍ୟୁ ଚେନ୍‌ର ପ୍ରୋଗ୍ରାମ ଲିଡର ଶକୁନ୍ତଳା ଥିଲଷ୍ଟେଡ୍, ପ୍ରିନସ୍‌ପାଲ ସାଇଂଟିଷ୍ଟ ଏବଂ ଇଣ୍ଡିଆ ପ୍ରୋଗ୍ରାମ ଲିଡ୍ ମୋହନ ଛଡାଗ୍, ନ୍ୟୁଟ୍ରିସନ୍ ଆଣ୍ଡ ଭାଲ୍ୟୁ ଚେନ୍‌ର ସାଇଂଟିଷ୍ଟ ଲରେନ୍ ପିନ୍‌କସ୍ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### କେନ୍ଦ୍ର କୃଷି ମନ୍ତ୍ରୀ , ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲା ବିଜେପି ପ୍ରତିନିଧୀ ଦଳ

## କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ତୁରନ୍ତ ଯୋଗାଇ ଦିଆଯାଉ : ପ୍ରଦୀପ ପୁରୋହିତ

ନୂଆଦିଲ୍ଲୀ / ଭୁବନେଶ୍ୱର,୧୧।୧୧ (ନି.ପ୍ର): ବରଗଡ ଜିଲ୍ଲାର ଅନେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରୁ ବଂଚିତ ଅଛନ୍ତି । ବିଶେଷ କରି ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକର ବାଦିକଟା, ଭେଙ୍ଗରାଜପୁର, ଲଖମରା, ଝିଟିକି, ଲରମ୍ଭା ( ବରଗଡ ) ଆଦି ଗ୍ରାମ ପଂଚାୟତର ଚାଷୀମାନେ ୨୦୧୯ ମସିହାର ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଫସଲ ବୀମା ଟଙ୍କା ଅଧାବଧି ପାଇ ନାହାଁନ୍ତି । ଏହି ପରିପ୍ରେକ୍ଷୀରେ ସୋମବାର ଦିନ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଦିଲ୍ଲୀଠାରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ଓ ଇସ୍ପାତ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ବକେୟା ଶସ୍ୟ ବୀମା ଟଙ୍କା ଚାଷୀ କିଭଳି ପାଇବେ ସେ ନେଇ ଆଲୋଚନା କରିଛନ୍ତି । ଏହା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ତୁରନ୍ତ ଯୋଗାଇ ଦେବା କ୍ଷେତ୍ରରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିନିଧୀ ଦଳ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ସେହିପରି ବରଗଡ ଜିଲ୍ଲା ଲଖମରାର ଅଙ୍ଗନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଗରେ ପ୍ରସ୍ତାବ ରଖାଯାଇଛି ବୋଲି ଶ୍ରୀ ପୁରୋହିତ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଫସଲ ବୀମା ଉପରେ ସମସ୍ତ ପ୍ରକାର ତଥ୍ୟ ଶୁଣିବା ପରେ ଚାଷୀମାନେ କିପରି ଅତି ଶୀଘ୍ର ବୀମା ଟଙ୍କା ପାଇବେ ସେନେଇ କୃଷି ବିଭାଗର ଉଚ୍ଚ ଅଧିକାରୀଙ୍କୁ କୃଷି ମନ୍ତ୍ରୀ ଶ୍ରୀ ତୋମର ନିର୍ଦ୍ଦେଶ ଦେଇଥିଲେ । ଅଙ୍ଗନଦୀ ଉପରେ ପୋଲ ନିର୍ମାଣ ପାଇଁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶାର ମୁଖ୍ୟ ଶାସନ ସଚ଼ିବ ଓ ଜଳ ସଂପଦ ବିଭାଗର ପ୍ରମୁଖ ଶାସନ ସଚ଼ିବ ସହ ଆଲୋଚ଼ନା କରି ପୋଲ ନିର୍ମାଣ ପାଇଁ ରହିଥିବା ବାଧାକୁ ତୁରନ୍ତ ଦୂର କରିବା ପାଇଁ ଅନୁରୋଧ କରିଥିଲେ । ଏହି ଆଲୋଚ଼ନା ସମୟରେ ବରଗଡ ଲୋକସଭା ସାଂସଦ ସୁରେଶ ପୂଜାରୀଙ୍କ ସମେତ ବିଜେପି ନେତା ବାଳୁବନ ନାୟକ, ବିମଳ କୁମାର ସାହୁ, ସୌମିତ୍ରୀ ପ୍ରଧାନ, ଶ୍ରୀକାନ୍ତ ମିଶ୍ର, ଇନ୍ଦ୍ରମଣି ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । କୃଷି ମନ୍ତ୍ରୀଙ୍କ ସହ କୃଷି ଭବନରେ ଆଲୋଚ଼ନା ହୋଇଥିବା ବେଳେ ଇସ୍ପାତ ଓ ପେଟ୍ରୋଲିୟମ ମନ୍ତ୍ରୀଙ୍କ ସହ ତାଙ୍କ ବାସ ଭବନରେ ଆଲୋଚନା ହୋଇଥିଲା ।

## ୨୦୨୦-୨୧ ଖରିଫ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନସଂଗ୍ରହ ବୈଠକ

କେନ୍ଦ୍ରାପଡ଼ା,୧୧।୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ (ଭର୍ଚୁଆଲ୍ ଫର୍ମାଟ) ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ବିଧାୟକ, ସାଂସଦଙ୍କ ପ୍ରତିନିଧି, ଜିଲ୍ଲାପରିଷଦ ଅଧ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ, ଉପଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ, ବାଣିଜ୍ୟ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଜୟ କୁମାର ରାଉତ, ସହ - ନିବନ୍ଧକ ସମବାୟ ସମିତି, ମିଲର ପ୍ରତିନିଧି, ଚାଷୀ ପ୍ରତିନିଧି ଓ ସମସ୍ତ ସଭ୍ୟ ଏହି ଭର୍ଚୁଆଲ୍ ବୈଠକରେ ଯୋଗଦାନ କରିଥିଲେ । ୨୦୨୦-୨୧ ସରକାର ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୧୮୬୮ଙ୍କା ଏବଂ ଗ୍ରେଡ୍-ଏ ଧାନର ମୂଲ୍ୟ ଟ.୧୮୮୮ଙ୍କା ସ୍ଥିର କରିଛନ୍ତି । ଚାଷୀମାନେ ଧାନ ବିକ୍ରୟ କରିବାର ୨୪ ରୁ ୪୮ ଘଂଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଖାତାରେ ବିକ୍ରୟ ଅର୍ଥ ଜମା ହୋଇଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ଗନ୍ତାୟତ ଅବଗତ କରାଇଥିଲେ । ଚାଷୀମାନେ ଅଗ୍ରୀମ ଟୋକନ୍ ସଂପର୍କରେ ମୋବାଇଲ ଏସ୍.ଏମ୍.ଏସ୍ ଜରିଆରେ ସୂଚନା ପାଇପାରିବେ ଏବଂ ସମସ୍ତ ସୋସାଇଟି ମାନେ ନିଜ କାର୍ଯ୍ୟାଳୟ ଠାରେ ଟୋକନ ପାଇଥିବା ଚାଷୀମାନଙ୍କ ତାଲିକା ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ରାଜନଗର ଅଂଚଳରେ ଦୁଇଟି ଅତିରିକ୍ତ ଧାନକ୍ରୟ କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ଜିଲ୍ଲାପରିଷଦ ଅଧ୍ୟକ୍ଷ ମାନସ ପରିଡା ଚାଷୀମାନଙ୍କୁ ସୁଚାରୁ ରୂପେ ଟୋକନ ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ସୋସାଇଟି ଗୁଡିକୁ ଅଧିକ ସତର୍କତା ଅବଲମ୍ବନ କରିବା ସହିତ ମାସ୍କ ଓ ସାନିଟାଇଜର ବ୍ୟବହାର ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଧାନ କିଣା ପୂର୍ବରୁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା ପାଇଁ ନିୟନ୍ତ୍ରିତ ବଜାର କମିଟି ସଂପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଧାନ ଉତ୍ପାଦନ ସମୟକୁ ଲକ୍ଷ୍ୟ କରି ଚାଷୀ ପ୍ରତିନିଧିମାନେ ଡିସେମ୍ବର ଶେଷ ସପ୍ତାହରେ ଧାନମଣ୍ଡି ଖୋଲିବା ପାଇଁ ଦେଇଥିବା ପ୍ରସ୍ତାବକୁ ବୈଠକରେ ଗୃହୀତ କରାଯାଇଥିଲା ।

## ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଲା ମାନସିକ ଭିନ୍ନକ୍ଷମଙ୍କ ସେବା କାର୍ଯ୍ୟ

କେନ୍ଦ୍ରାପଡ଼ା,୧୧।୧୧ (ନି.ପ୍ର): କେନ୍ଦ୍ରାପଡାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଭିନ୍ନ ଧରଣର ସେବା କାର୍ଯ୍ୟ କେନ୍ଦ୍ରାପଡା ପୌରାଂଚଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସହରର ବିଭିନ୍ନ ସ୍ଥାନରେ ରାସ୍ତା କଡରେ ବୁଲୁଥିବା, ମନ୍ଦିର ବେଢାରେ ଆଶ୍ରୟ ନେଇଥିବା ଓ ବିଭିନ୍ନ ଧାର୍ମିକ ସ୍ଥାନରେ ଭିକ୍ଷାବୃତି କରୁଥିବା ମାନସିକ ବ୍ୟତିକ୍ରମ ଭିକାରୀମାନଙ୍କ ସେବାକାର୍ଯ୍ୟ ହାତକୁ ନିଆଯାଇଥିଲା । ଓଡିଶାରେ ବିଚିତ୍ର ମଣିଷ ନାମରେ ଜଣାଶୁଣା ଜଳନ୍ଧର ପାଇକରାୟ ମୁଖ୍ୟଭାବେ ଅଂଶଗ୍ରହଣ କରି ସହରର ବିଭିନ୍ନ ସ୍ଥାନରେ ରହୁଥିବା ଭିକାରୀମାନଙ୍କ ଚୁଟି, ଦାଢି କାଟିବା ସହ ଗାଧୋଇଦେଇ ସଫା ସୁତୁରାକରି ପୋଷାକ ପିନ୍ଧାଇ ଦେଇଥିଲେ । ସମାଜରେ ଆଦରହୀନ ଭାବେ ବୁଲୁଥିବା ଏହି ଭିକାରୀମାନଙ୍କୁ ନୂତନଭାବେ ପରିଷ୍କାର ପରିଚ୍ଛନ୍ନ କରିବାରେ ଟ୍ରଷ୍ଟର କର୍ମକର୍ତାମାନେ ସହାୟତା କରିଥିଲେ । ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି, ଗୌତମ ସାହୁ, ସାନ୍ତନୁ ମଲ୍ଲିକ, ସୂର୍ଯ୍ୟକାନ୍ତ ପରିଡା, କେଦାର ସ୍ୱାଇଁ, ହରିହର ନାୟକ ଓ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପୋଲ ତଳେ ନାଳରୁ ଏକ ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର

ବାରିପଦା,୧୧।୧୧ (ନି.ପ୍ର): ପୋଲ ତଳ ନାଳରେ ବୁଡ଼ି ଭାସୁଥିବା ଏକ ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର କରାଯାଇଛି । ମୟୁରଭଂଜ ଜିଲ୍ଲା ଯଶୀପୁର ଥାନା ଅନ୍ତର୍ଗତ କଂଟାଶିମିଳା ଗ୍ରାମ ନିକଟସ୍ଥ ଏକ ନାଳରେ ଜଣେ ବ୍ୟକ୍ତି ବୁଡ଼ି ରହିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ସାଇକେଲ ସହ ମୃତଦେହ ମଧ୍ୟ ନାଳରେ ପଡ଼ି ରହିଥିଲା । ଖବର ପାଇ ଯଶିପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଉଦ୍ଧାର କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କରଂଜିଆ ମେଡ଼ିକାଲକୁ ପଠାଇଥିବା ଜଣାପଡ଼ିଛି । ଅଜଣା ବ୍ୟକ୍ତିର ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

## ୨୪ ଘଣ୍ଟାରେ କୁକୁଡା ମାଂସ ଦୋକାନ ଉଠାଇବାକୁ ପୌରସଂସ୍ଥାର ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୧୧।୧୧ (ନି.ପ୍ର): କେନ୍ଦ୍ରାପଡା ପୋରାଂଚଳର ଅଦାଲତ ଓ ଉର୍ଦ୍ଦୁ ଲାଇବ୍ରେରୀ ପାଖରେ ଚିକେନ୍ ଦୋକାନ କରିଥିବା ବ୍ୟବସାୟୀ ମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ସ୍ଥାନ ଖାଲି କରିବା ପାଇଁ ପୋରାସଂସ୍ଥା ପକ୍ଷରୁ ନୋଟିସ ଦିଆଯାଇ ଥିବା ଜଣାପଡିଛି । ଏନେଇ ଦୋକାନୀ ମାନେ ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀଙ୍କୁ ଭେଟି ନିଷ୍ପତିର ପୁନଃ ବିଚାର କରିବାକୁ ଦାବି କରିଛନ୍ତି । ଦାବି ମୁତାବକ ଏହି ଦୋକାନୀ ମାନେ ଦୀର୍ଘଦିନ ହେବ କାଳିଥିବା ଯାଗାରେ ଦୋକାନ କରି କୁକୁଡା ମାଂସ ବ୍ୟବସାୟ କରି ଆସୁଛନ୍ତି । ନିକଟରେ ଉଦ୍‌ଘାଟନ ହେବାକୁ ଥିବା ଏକ ସରକାରୀ କାର୍ଯ୍ୟାଳୟ ର ଏହା ଯିବା ଆସିବା ରାସ୍ତା ହୋଇ ଥିବାରୁ ପୌରସଂସ୍ଥା ପକ୍ଷରୁ ନୋଟିସ ଦିଆଯାଇଛି । ବ୍ୟବସାୟ ପାଇଁ ଅନ୍ୟତ୍ର ସ୍ଥାନ ଦେବାକୁ ଏହି ଦୋକାନୀ ମାନେ ଦାବି କରିଛନ୍ତି ।

## ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ :୯୬ ହଜାର ଟଙ୍କା ଜୋରିମାନା ଆଦାୟ

ଗଞ୍ଜାମ,୧୧।୧୧ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ୯ ତାରିଖ ସକାଳ ୬ଟା ଠାରୁ ୧୦ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ ଓ ପୃଥକ୍ ପୃଥକ୍ ବେଆଇନ ମଦ କାରବାର ଉପରେ ବ୍ୟାପକ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକ ୧୫୩ ଜଣଙ୍କ ଚାଲାଣ କଟାଯାଇଛି । ସେମାନଙ୍କ ନିକଟରୁ ଜୋରିମାନା ବାବଦକୁ ୭୬ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି । ମୁହଁରେ ମାସ୍କ ପିନ୍ଧି ନଥିବା ୮୩ ଜଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ୧୬ ହଜାର ୫୦୦ ଟଙ୍କା ଏବଂ ସାମାଜିକ ଦୂରତା କଟକଣା ଉଲ୍ଲଙ୍ଘନକାରୀଙ୍କ ନିକଟରୁ ୩ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହିପରି ମୋଟ୍ ୯୬ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ।

## ଭୁବନ ମୀରାବାଈ କଳା ବିକାଶ କେନ୍ଦ୍ରର ବାର୍ଷିକ ପରୀକ୍ଷା ଅନଲାଇନରେ ଅନୁଷ୍ଠିତ

ଭୁବନ,୧୧।୧୧ (ନି.ପ୍ର): ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଭୁବନର ସାଂସ୍କୃତିକ ଅନୁଷ୍ଠାନ ମୀରାବାଈ କଳା ବିକାଶ କେନ୍ଦ୍ର ର ବାର୍ଷିକ ପରୀକ୍ଷା ଅନଲାଇନରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସଂଗୀତ ନାଟକ ଏକାଡେମୀ ପାଠ୍ୟ ଖସଡା ଅନୁଯାୟୀ ଥିଓରୀ ଓ ପ୍ରାକ୍ଟିକାଲରେ ସମୁଦାୟ ୪୩ ଜଣ ଛାତ୍ରଛାତ୍ରୀ ଅନଲାଇନରେ ପରୀକ୍ଷା ଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଦୂରଦର୍ଶନ ର ସ୍ୱିକୃତୀ ପ୍ରାପ୍ତ ନିର୍ଦ୍ଦେଶକ ଭଗବାନ ଗୁରୁ ଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଉପାଧ୍ୟକ୍ଷ ସଂଜୟ କୁମାର ମହାରଣା ଙ୍କ ସମେତ ଶାନ୍ତନୁ ଦାଶ,ହୃଷିକେଶ ନାୟକ,ପଂଚାନନ ପ୍ରଧାନ,ଚିନ୍ତାମଣି ସାହୁ,ଶାନ୍ତିଲତା ଗୁରୁ,ମମତା ପୋଥାଳ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

## ପୂର୍ବତନ ମନ୍ତ୍ରୀ ଭାଗବତ ମହାନ୍ତିଙ୍କ ପ୍ରତିମୂର୍ତୀ ସ୍ଥାପନ ପାଇଁ ସ୍ଥାନ ଦେବାକୁ ଦାବି

କେନ୍ଦ୍ରାପଡ଼ା,୧୧।୧୧ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ସମବାୟବିତ୍ ସ୍ୱର୍ଗତଃ ଭାଗବତ ପ୍ରସାଦ ମହାନ୍ତିଙ୍କ ପ୍ରତିମୂର୍ତୀ ସ୍ଥାପନ ପାଇଁ ସ୍ଥାନ ଯୋଗାଇବାକୁ ସ୍ମୃତି କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରାଯାଇଛି । ମଙ୍ଗଳବାର ପୂର୍ବତନ ବିଧାୟକ ଅଲେଖ ଜେନାଙ୍କ ନେତୃତ୍ୱରେ ଭାଗବତ ମହାନ୍ତି ସ୍ମୃତି କମିଟିର ସଭାପତି ଫକିର ଖଟୁଆ, ବସନ୍ତ କୁମାର ସେଠୀ, ମହେନ୍ଦ୍ର କୁମାର ପରିଡା ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ପୌରାଂଚଳ ମଧ୍ୟରେ ଏକ ସ୍ଥାନ ଯୋଗାଇବାକୁ ନିବେଦନ କରିଥିବା ଜଣାପଡିଛି ।

## ମହିଳା ସରପଂଚଙ୍କୁ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଅସହଯୋଗ

କେନ୍ଦ୍ରାପଡ଼ା,୧୧।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଧିନ ଡିମିରିପାଳ ଗ୍ରାମ ପଂଚାୟତ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ସରପଂଚଙ୍କୁ ସହଯୋଗ କରୁନଥିବା ଓ ତାଙ୍କ କଥା ଶୁଣୁ ନଥିବାରୁ ପଂଚାୟତରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ପଂଚାୟତର ଉନ୍ନତିମୂଳକ କାର୍ଯ୍ୟ ଗୁଡିକ ଏକ ପ୍ରକାର ବନ୍ଦ ହୋଇଯାଇ ଥିବା ଅଭିଯୋଗ ହେଉଛି । ଏନେଇ ଡିମିରିପାଳ ସରପଂଚ କଳ୍ପନା ସାମଲ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ପଂଚାୟତର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ କାର୍ଯ୍ୟ ନିର୍ବାହୀଙ୍କ ନାମରେ କରାଯିବାର ବ୍ୟବସ୍ଥା ରହିଛି । ସରି ଯାଇଥିବା ଉନ୍ନୟନ କାର୍ଯ୍ୟର ବିଲ କରାଯାଉ ନଥିବା ଓ ଫାଇଲପତ୍ର ସରପଂଚଙ୍କୁ ଦେଉନଥିବା ଯୋଗୁଁ କାମ କରିଥିବା ଲୋକମାନେ ସେମାନଙ୍କ ପ୍ରାପ୍ୟ ପାଇପାରୁ ନାହାଁନ୍ତି । ଏନେଇ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର କୁହାଗଲେ ମଧଯୟ ସେ କୌଣସି କଥା ଶୁଣୁ ନଥିବା ପଂଚାୟତରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେଉଥିବା ସରପଂଚ ଅଭିଯୋଗ କରିଛନ୍ତି ।

## ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା ବୈଠକ

ନୂଆପଡା,୧୧।୧୧ (ନି.ପ୍ର): ନୂଆପଡା ଜିଲ୍ଲାପାଳ ସ୍ୱଧାଦେବ ସିଂ ଦିନିକିଆ ଖଡିଆଳ ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିବା ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି । ଜିଲ୍ଲାପାଳ ବ୍ଲକର ଚନାବେଡା, ଭୋଜପୁର ଓ ବାଦୀ ପଂଚାୟତକୁ ପରିଦର୍ଶନ କରି ଉନ୍ନୟନ ମୂଳକ କାର୍ଯ୍ୟ ଦେଖିଥିଲେ । ପରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏପିଡି, ବିଡିଓ ଉ ମ କୁମାର ବାଗ, ଏମସି ରାଜେଶ ବରାଳ, ଏପିଓ ରବି ନାରାୟଣ ରାଉତଙ୍କ ସମେତ ୨୬ ଗୋଟି ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ଜେଇ ଯୋଗ ଦେଇଥିଲେ ।

## ବିଶ୍ୱହିନ୍ଦୁ ପରିଷଦର ସାଂଗଠନିକ ଜିଲ୍ଲା ବୈଠକ ଓ କର୍ମକର୍ତା ଚୟନ

କେନ୍ଦ୍ରାପଡ଼ା,୧୧।୧୧ (ନି.ପ୍ର): ବିଶ୍ୱହିନ୍ଦୁ ପରିଷଦ କେନ୍ଦ୍ରାପଡା ଜିଲ୍ଲା କମିଟିର ବୈଠକ ଜିଲ୍ଲା ସଭାପତି ବାନାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବପ୍ରାନ୍ତର ସଂଗଠନ ମନ୍ତ୍ରୀ ଆନନ୍ଦଜୀ ପାଣ୍ଡେ, ପ୍ରାନ୍ତ ସଂପାଦକ ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସଂପାଦକ ବିରେନ୍ଦ୍ର କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବୈଠକରେ ଧର୍ମରକ୍ଷା ନିଧି ଓ ଶ୍ରୀରାମ ଜନ୍ମଭୂମୀ ମନ୍ଦିର ନିର୍ମାଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହାସହ ଜିଲ୍ଲାର ନୂତନ କର୍ମକର୍ତା ଚୟନ କରାଯାଇଥିଲା । ବୈଠକରେ କାର୍ଯ୍ୟକାରୀ ସଭାପତି ଗୋପୀନାଥ ତ୍ରିପାଠୀ,ସହ ସଂପାଦକ ଅଜିତ କୁମାର ଦାସ,ବଜରଙ୍ଗ ଦଳ ସଂଯୋଜକ ସତ୍ୟପ୍ରିୟ ଜେନା,ସହ ସଂଯୋଜକ ନିରଞ୍ଜନ ସୁଆର ଓ ଅନ୍ୟ କର୍ମକର୍ତା ମାନେ ଯୋଗ ଦେଇଥିଲେ ।

## ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡର ଉନ୍ନତିକରଣ : ଚଳିତମାସ ସୁଦ୍ଧା ସାରିବାକୁ ଜିଲାପାଳଙ୍କ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୧।୧୧ (ନି.ପ୍ର): କେନ୍ଦ୍ରାପଡାର ଆରାଧ୍ୟଦେବ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସର ଓ ରଥଦାଣ୍ଡର ଉନ୍ନତୀକରଣ କାର୍ଯ୍ୟ ଚଳିତ ମାସ ସୁଦ୍ଧା ଶେଷ କରିବାକୁ ଜିଲାପାଳ ସମର୍ଥ ବର୍ମା ଗୁରୁତ୍ୱ ଦେଇଛନ୍ତି । ଉନ୍ନତୀ କରଣ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଓ ଅନୁଧ୍ୟାନ କରିବା ପାଇଁ ଶ୍ରୀ ବର୍ମା ରଥଦାଣ୍ଡ ପରିଦର୍ଶନ କରି ଅଗ୍ରଗତି ସଂପର୍କରେ ପର୍ଯ୍ୟବେକ୍ଷଣ କରିଥିଲେ । କରୋନା କଟକଣା ପାଇଁ କିଛିଦିନ ହେବ ଅଗ୍ରଗତି କାର୍ଯ୍ୟ ବନ୍ଦ ରହିଥିଲା । ତେବେ ଅନଲକ୍ ପର୍ଯ୍ୟାୟ ଚାଲିଥିବାବେଳେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି । ମନ୍ଦିର ପରିସରରେ ଥିବା ସର୍ବସାଧାରଣଙ୍କ ବିବାହ ମଣ୍ଡପ ନବୀକରଣ, ମେଜିଆ କାମ, ତୀର୍ଥଯାତ୍ରୀ ଆଶ୍ରୟସ୍ଥଳ, ଶିଶୁମାନଙ୍କ ପାଇଁ ଉଦ୍ୟାନ, ଆଲୋକୀକରଣ ପ୍ରଭୃତିର କାର୍ଯ୍ୟ ବୁଲିଦେଖିଥିଲେ । ଏଠାରେ ସୂଚନାଯୋଗ୍ୟ ପ୍ରାୟ ବର୍ଷକତଳେ ୨୦୧୯ ନଭେମ୍ବର ୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୀଠର ବିକାଶ ଓ ନବକଳେବର ପାଇଁ ସାଢେ ୮ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ । ସେବେଠାରୁ ମନ୍ଦିର ଓ ଏହାର ପରିସରର ନବକଳେବର ପାଇଁ ତଥା ପର୍ଯ୍ୟଟନ କ୍ଷେତ୍ରର ଶ୍ରୀବୃଦ୍ଧି ଲାଗି ଯୋଜନା ଆରମ୍ଭ କରାଯାଇଥିଲା । ପୁନର୍ବାର ମନ୍ଦିର ଭିତିଭୂମିର ବିକାଶ ତଥା ସାନ୍ତସାହିଠାରେ କଲ୍ୟାଣ ମଣ୍ଡପ ନିର୍ମାଣ, ଝୁଲଣ ମଣ୍ଡପର ପୁନରୁଦ୍ଧାର, ବିବାହ ମଣ୍ଡପର ଉନ୍ନତୀକରଣ, ଯାତ୍ରୀ ବିଶ୍ରାମାଗାର, ମେଘନାଦ ପାଚେରୀର ସୁରକ୍ଷା, ଅରୁଣସ୍ତମ୍ଭ ନିକଟରେ ପଥର ପ୍ୟାର୍କିଂ, ମନ୍ଦିର ଚତୁପାର୍ଶ୍ୱର ରଙ୍ଗ କରିବା, ଦେବୋତର କାର୍ଯ୍ୟାଳୟର ମରାମତି ଓ ୨୪ ଘଂଟା ପାନୀୟ ଜଳ ଯୋଗାଣ ପ୍ରଭୃତି ୨ କୋଟି ଟଙ୍କା ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହାସହ ୪ଟି ଶୌଚାଳୟ ନିର୍ମାଣ, ଧାର୍ମିକ ପ୍ରମୋଦ ଉଦ୍ୟାନ, ନୂତନ ଚନ୍ଦନ ପୋଖରୀରେ ପଥର ପ୍ୟାର୍କିଂ, ଆଲୋକୀକରଣ ଓ ପୁରୁଣା ଚନ୍ଦନ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ରହିଛି । ଏହିସବୁ କାର୍ଯ୍ୟ କରି ପୀଠର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା ରହିଥିବାବେଳେ ରଥଦାଣ୍ଡର ଜବରଦଖଲ ଉଚ୍ଛେ କରାଯାଇନଥିବାରୁ ଉନ୍ନତି ବିଧାନରେ ଏହା ବାଧକ ସୃଷ୍ଟି ହେବ ବୋଲି ଜଣାପଡିଛି । ତେବେ ଏହାକୁ ଯୁଦ୍ଧକାଳୀନ ଭିତିରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଗଲେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଜଣାପଡିଛି । ଜିଲାପାଳଙ୍କ ଏହି ଗସ୍ତ ସମୟରେ ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ବଳଦେବଜୀଉ ମନ୍ଦିର ଦେବୋତର ସଂସ୍ଥାର କାର୍ଯ୍ୟନିର୍ବାହୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ଗୁରୁବାର, ନଭେମ୍ବର ୧୨, ୨୦୨୦

# ଗର୍ଭାବସ୍ଥା ସମୟ ପାଇଁ ଡାଏଟ୍ ଟିପ୍ସ

**ଗର୍ଭାବସ୍ଥା ସମୟରେ ମହିଳାମାନଙ୍କୁ ନିଜ ସହିତ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟର ଯତ୍ନ ନେବା ଜରୁରୀ । ଏପରି ସ୍ଥିତିରେ ମହିଳାମାନଙ୍କୁ ଖାଦ୍ୟପେୟର ବିଶେଷ ଧ୍ୟାନ ରଖିବା ଆବଶ୍ୟକ । ଏ ସମୟରେ ଖାଦ୍ୟପେୟର ବିଶେଷ ଯୋଗଦାନ ଥାଏ । କେତେକ ଲାଭକାରୀ ଟିପ୍ସ କୁ ମହିଳାମାନେ ଫଲୋ କରିବା ଉଚିତ ।**

♦ ଗର୍ଭାବସ୍ଥା ସମୟରେ ପ୍ରୋଟିନଯୁକ୍ତ ଖାଦ୍ୟ ଯଥା:- ଡାଲି, ଅଙ୍କୁରିତ ଶସ୍ୟ, କ୍ଷୀର ଏବଂ କ୍ଷୀର ଜାତୀୟ ପଦାର୍ଥ, ଅଣ୍ଡା ମାଂସ ଆଦିକୁ ପ୍ରତ୍ୟେକ ଦିନ ଡାଏଟ୍‌ରେ ସାମିଲ କରନ୍ତୁ । ଏହାଦ୍ୱାରା ଶରୀରରେ ପ୍ରୋଟିନର ଅଭାବ ରହିବ ନାହିଁ ।

♦ ସୁସ୍ଥ ପ୍ରେଗନେନ୍ସି ପାଇଁ ଆଇରନ ଜାତୀୟ ଭୋଜନର ଆବଶ୍ୟକତା ରହିଛି । ସେଥିପାଇଁ ସବୁଜ ପନିପରିବା, ଶାଗ, ଡାଳିମ୍ବ, ଲିଚୁ, କିସମିସ୍ ଇତ୍ୟାଦି ପ୍ରତିଦିନ ଖାଇବା ଉଚିତ୍ । ଏହା ବ୍ୟତୀତ ଭିଟାମିନ୍-ସିର ପ୍ରୟୋଗ କରିବା ଜରୁରୀ । ଏଥିରୁ ଶରୀରକୁ ଆଇରନ ମିଳିଥାଏ ।

♦ ଶରୀରରେ ଆବଶ୍ୟକ ଶକ୍ତି ଓ ଫାଇବର୍ସର ଅଭାବକୁ ପୂରଣ କରିବା ପାଇଁ କାର୍ବୋହାଇଡ୍ରେଟଯୁକ୍ତ ଭୋଜନ କରିବା ଆବଶ୍ୟକ । ଶସ୍ୟ, ଫଳ, ସାଲାଡ ପରି ଖାଦ୍ୟ କୁ ଡାଏଟରେ ସାମିଲ କରନ୍ତୁ । ଏହା ବ୍ୟତୀତ ଚୋପା ଲାଗିଥିବା ମୁଗ ଡାଲି ଏ ସମୟରେ ଲାଭକାରୀ ହୋଇଥାଏ ।

♦ ତେଲ ଛଣା ଖାଦ୍ୟର ମାତ୍ରା କମ୍ ରହିବା ଉଚିତ୍ । ଫ୍ୟାଟି ଏସିଡ ଭ୍ରୁଣର ମାନସିକ ବିକାଶ ପାଇଁ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ।

♦ ଗର୍ଭରେ ଥିବା ଶିଶୁର ହାଡ ଦାନ୍ତର ବିକାଶ ପାଇଁ କ୍ୟାଲସିୟମର ମାତ୍ରା ଅଧିକ ହେବା ଆବଶ୍ୟକ । ଏହା ଆପଣଙ୍କୁ ପିଠି ଓ ଅଣ୍ଟା ଯନ୍ତ୍ରଣାରୁ ମଧ୍ୟ ମୁକ୍ତ ଦେବ । ସେଥିପାଇଁ କ୍ଷୀର ଓ କ୍ଷୀର ଜାତୀୟ ଦ୍ରବ୍ୟ ସବୁଜ ପନିପରିବା, ପାଳଙ୍ଗ, ଚିନାବାଦାମ ଆଦିକୁ ଡାଏଟ୍‌ରେ ସାମିଲ କରନ୍ତୁ ।




♦ ଖାଦ୍ୟ ଖାଇବା ବ୍ୟତୀତ ପାଣି ଭରପୂର ମାତ୍ରାରେ ପିଇବା ଉଚିତ । ଅଧିକ ମାତ୍ରାରେ ପାଣି ପିଇବା ମଧ୍ୟ କ୍ଷତିକାରକ । ଦିନରେ ୬ରୁ୮ ଗ୍ଲାସ ପାଣି ନିଶ୍ଚିତ ଭାବରେ ପିଇବା ଉଚିତ । ଏହାଦ୍ୱାରା ଶରୀରର ତାପମାତ୍ରା ମଧ୍ୟ ଠିକ୍ ରହିବ ।

♦ ସେ ସମୟରେ ଶରୀରକୁ ସୁସ୍ଥ ରଖିବା ପାଇଁ ଚାଲିବା, ଯୋଗ କରିବା କିମ୍ବା ସହଜ ବ୍ୟାୟାମ କରିବା ଉଚିତ । ମନରେ ଶାନ୍ତି ଓ ଏକାଗ୍ରତା ରଖିବା ପାଇଁ ଧ୍ୟାନ କରିବା ମଧ୍ୟ ଜରୁରୀ । ଏହା ଅନାବଶ୍ୟକ ଚିନ୍ତାରୁ ଦୂରରେ ରଖିବାରେ ସାହାଯ୍ୟ କରିବ ।

# ସାଇକୋଥେରାପୀ

ଯଦି ଆପଣ ଡିପେଅସନରେ ଅଛନ୍ତି କିମ୍ବା ଆପଣଙ୍କୁ ଯଦି ଲାଗୁଛି ଆପଣ ଡିପ୍ରେସନ ଆଡକୁ ଯାଉଛନ୍ତି ତେବେ ସାଇକୋଲେରାପୀ ଏହି ବେମାରୀରୁ ରକ୍ଷା କରିବା ପାଇଁ ସାହାଯ୍ୟ କରିବ । ସାଇକୋଥେରାପୀକୁ ଟକ୍ ଥେରାପୀ ନାମରେ ମଧ୍ୟ ସମସ୍ତେ ଜାଣନ୍ତି । କାରଣ ଏହି ଥେରାପୀ ସମୟରେ ଏକ ଟ୍ରେଣ୍ଡ ମେଣ୍ଟାଲ ହେଲ୍‌ଥ ପ୍ରୋଫେସନାଲ ରୋଗୀ ସହିତ କଥାବାର୍ତ୍ତା କରି ବୁଝିବାକୁ ଚେଷ୍ଟା କରିଥାଏ ଯେ ତାହାର ଡିପ୍ରେସନର କାରଣ କଣ । ଏହା ସହିତ ସେ କେତେକ ଟିପ୍ସ ଓ ଗାଇଡାନ୍ସ ଦ୍ୱାରା ପେସେଣ୍ଟକୁ ଉତ୍ତମ ଅନୁଭବ କରାଇବାରେ ସାହାର୍ଯ୍ୟ କରିଥାଏ । ସାଇକୋଥେରାପୀ ବହୁତ ପ୍ରକାରର ଥାଏ କିନ୍ତୁ ଏହି ସବୁର ମୁଖ୍ୟ ଉଦ୍ଦେଶ୍ୟ ରୋଗୀର ଅବସାଦର କାରଣ କଣ । ଏକ୍ସପର୍ଟ ରୋଗୀକୁ ତାର ବିଚାର ଓ ଚିନ୍ତାଧାରା ଦ୍ୱାରା ରୋଗ ଉପରେ କଣ୍ଟ୍ରୋଲ କରାଇବାକୁ ଶିଖାଇଥାଏ । ଭିନ୍ନ ଭିନ୍ନ ସାଇକୋଥେରାପୀକୁ କଗ୍‌ନେଟିଭ ବିହେଭିହର ଥେରାପୀ, ଗ୍ରୁପ ଥେରାପୀ, ଫ୍ୟାମିଲି ଥେରାପୀ ଇତ୍ୟାଦି ।



ବ୍ୟକ୍ତିଗତ ଥେରାପୀ: ଏହି ଥେରାପୀରେ ଏକ୍ସପର୍ଟ କେବଳ ରୋଗୀ ସହିତ କଥାବାର୍ତ୍ତା କରି ତାର ଚିନ୍ତାର କାରଣ ଜାଣିବାକୁ ଚେଷ୍ଟା କରିଥାଏ । ଦୁନିଆରେ ହଜାର ଲୋକ ଏହି ସମସ୍ୟାରେ ଅଛନ୍ତି ବୋଲି ରୋଗୀକୁ ବୁଝିଯିବା ସହିତ ଏହି ଥେରାପୀ ସାହାଯ୍ୟ କରିଥାଏ ।



ଗ୍ରୁପ ଥେରାପୀ: ଏହି ଥେରାପୀ ଦ୍ୱାରା ଏକ୍ସପର୍ଟ ଦୁଇ ବା ଅଧିକ ରୋଗୀଙ୍କ ଏକା ସହିତ ସାଇକୋଥେରାପୀ କରିଥାଏ । ରୋଗୀ ଯଦି ଭାବୁଥାଏ କେବଳ ସେ ଏକମାତ୍ର ଏହି ପରିସ୍ଥିତିରେ ରହିଛି ତେବେ ଏପରି ନୁହେଁ ।



କପଲ ଥେରାପୀ: ଏହି ଥେରାପୀ ପତି ଓ ପତ୍ନୀଙ୍କୁ ଏକା ସହିତ ବସାଇ ଥେରାପୀ ଦିଆଯାଏ । ଏହା ଦ୍ୱାରା ଜଣେ ଅନ ଜଣଙ୍କର ସମସ୍ୟାକୁ ବୁଝିପାରିବେ ଓ ଜାଣି ପାରିବେ ଯେ ଡିପ୍ରେସନର କାରଣ କଣ ।



# ଟ୍ରାଭେଲିଂ ଫ୍ୟାଶନ୍

ଟ୍ରାଭେଲିଂ ସମୟରେ ପୋଷାକ ବାଛିବାକୁ ଭାରି ଅଡୁଆରେ ପଡନ୍ତି ଅଧିକାଂଶ ଝିଅ । କାରଣ ସେମାନଙ୍କୁ ଉଭୟ ଷ୍ଟାଇଲିଶ୍ ଏବଂ ଆରାମଦାୟକ ପୋଷାକ ଦରକାର । ଜିନ୍ସ ନା ପଲାଜୋ, ସାର୍ଟ ନା ସର୍ଟ କ'ଣ ପିନ୍ଧିବେ ? ଟ୍ରାଭେଲିଂ ସମୟରେ କେଉଁଭଳି ପୋଷାକ ପିନ୍ଧିଲେ ଆପଣ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ରହିଲା କିଛି ଟିପ୍ସ ।

## ଫ୍ୟାଶନ

ସର୍ଟ ପ୍ୟାଣ୍ଟ :
ଯଦି ରୋଡ୍ ଟ୍ରିପ୍‌ର ପ୍ଲାନ୍ କରୁଛନ୍ତି, ଏଥିପାଇଁ ସର୍ଟ ପ୍ୟାଣ୍ଟ ଭଲ ହେବ । ସର୍ଟସ୍ ସହିତ ଛୋଟ ସ୍ଲିଭ୍ ଟି ସାର୍ଟ ପିନ୍ଧିପାରିବେ । ସ୍ୟାଣ୍ଡେଲ ଜାଗାରେ କାନଭାସ୍ ଜୋତା କ୍ୟାରି କଲେ ପାଦକୁ ଆରାମ ଲାଗବା ସହିତ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ ।





ଲଙ୍ଗ୍ ସ୍କର୍ଟ :
ରେଳ ଯାତ୍ରା ଅଧିକକ ଏବଂ ଭିଡ଼ ରହିଥାଏ । ତେଣୁ ରେଳ ଯାତ୍ରା ସମୟରେ ସାଲୱାର କମିଜ ଏବଂ ଲଙ୍ଗ୍ ସ୍କର୍ଟ ସବୁଠୁ ଭଲ ଅପସନ୍ । ହାଇହିଲ୍ ପରିବର୍ତ୍ତେ ଫ୍ଲାଟ୍ ସ୍ୟାଣ୍ଡେଲ୍ ପିନ୍ଧନ୍ତୁ । ହ୍ୟାଣ୍ଡବ୍ୟାଗ୍ କିମ୍ବା କ୍ଲଚ୍ ସ୍ଥାନରେ ସ୍ଲିଙ୍ଗ୍ ବ୍ୟାଗ୍ ଭଲ ମାନିଥାଏ । ଏଥିରେ ଟଙ୍କା, ସାନିଟାଇଜର ଏବଂ ନିଜର ମେକଅପ୍ ସାମଗ୍ରୀ ରଖିପାରିବେ ।

ଜିନ୍ସ ସହିତ ସ୍ୱେଟସାର୍ଟ :
ଆପଣଙ୍କ ଯାତ୍ରା ଅଧିକ ଲମ୍ବା । ଏଥିପାଇଁ ଆପଣଙ୍କୁ ବାଟରେ ରହି ରହି ଯିବାକୁ ପଡିବ । ହେଲେ କେଉଁ ଭଳି ପୋଷାକ ପିନ୍ଧିବେ ଜାଣି ପାରୁନାହାନ୍ତି । ଏଥିପାଇଁ ଜିନ୍ସ ସହିତ ଲଙ୍ଗ୍ ଟିସାର୍ଟ ସ୍ୱେଟସାର୍ଟ ପିନ୍ଧିପାରିବେ । ଆରାମ ଲାଗିବ । ହାଲୁକା ମେକଅପ୍ ନିଅନ୍ତୁ ଏବଂ ଅଧିକ ଓଜନର ଜୁଏଲାରୀକୁ ନା କରନ୍ତୁ । ହାତରେ ମେଟାଲ ଘଣ୍ଟା ପରିବର୍ତ୍ତେ ଲେଦର ଘଣ୍ଟା ପିନ୍ଧନ୍ତୁ । ଶୋଇବାରେ ଅସହଜ ଅନୁଭବ ହେବନି ।

ଋତୁ ହିସାବରେ ଆଉଟଫିଟ୍ :
ଗୋଟିଏ ସହରରୁ ଅନ୍ୟ ସହରକୁ ଯାତ୍ରା କରୁଛନ୍ତି । ସହରର ତାପମାତ୍ରା ଅଧିକ ଥାଇପାରେ ନହେଲେ କମ୍ । ଏମିତିରେ ଲେୟର ଆଉଟଫିଟ୍ ବେଷ୍ଟ ରହିଥାଏ । ଋତୁ ଯେମିତି ରହୁ ନା କାହିଁକି ଆପଣଙ୍କୁ କିଛି ଫରକ ପଡିବନି । ଏମିତି ଟ୍ରିପ୍ କରୁଥିଲେ ଜିନ୍ସ ପରିବର୍ତ୍ତେ ଖଦି ପ୍ୟାଣ୍ଟ ମଧ୍ୟ ପିନ୍ଧିପାରିବେ । ପ୍ଲେନ୍ ଟିସାର୍ଟ ଉପରେ ପ୍ରିଣ୍ଟେଡ୍ ଜ୍ୟାକେଟ୍ ଏତିକିରେ ପାଇପାରିବେ ଷ୍ଟାଇଲିଶ୍ ଲୁକ୍ । ଏହା ସହିତ କାନଭାସ୍ ସୁଜ୍ କିମ୍ବା ଜୁତି ଟ ମ ଅ ପ କରନ୍ତୁ । ହଁ, ଅ । ପ ଣ ଙ୍କ ମ ନ ପ ସ ନ୍ଦ ର ସନଗ୍ଲାସ୍ ପିନ୍ଧିବା ଭୁଲନ୍ତୁ ନାହିଁ ।



ଯାତ୍ରା ପସନନ୍ଦ ନଥିଲେ :
ଆପଣଙ୍କୁ ଟ୍ରାଭେଲ କରିବା ପସନ୍ଦ ନୁହେଁ । କିନ୍ତୁ ସ ବୁ ବେ ଳେ ଗାଡିରେ ଅପଡାଉନ୍ କରିବାକୁ ପଡିଥାଏ । ଏଥିପାଇଁ ଜିନ୍ସ ଟିସାର୍ଟ ନୁହେଁ ବରଂ କଟନର ଓ୍ୱାନ୍‌ପିସ୍ ଡ୍ରେସ୍ ପିନ୍ଧନ୍ତୁ । ଷ୍ଟାଇଲିଶ୍ ଲାଗିବେ । ନହେଲେ ପାଲାଜୋ ସହିତ କୁର୍ତ୍ତି ଟିମ୍ଅପ୍ କରନ୍ତୁ । ଯାତ୍ରା ଆରାମଦାୟକ ରହିବ ।

# ପିଲାଙ୍କ ପାଇଁ ନୂଆ ଆଇନ୍



ମାନସିକ ସୁସ୍ଥତା ପାଇଁ ନେଇପାରିବେ ଛୁଟି
ପରିବର୍ତ୍ତିତ ଜୀବନ ଧାରା ଏବଂ ବଢୁଥିବା ଚାପ କାରଣରୁ ବିଶ୍ୱବ୍ୟାପି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବଢିବାରେ ଲାଗିଛି । ଖାଲି ବଡମାନେ ନୁହେଁ, ଛୋଟପିଲାମାନେ ମଧ୍ୟ ଏହାର ଶିକାର ହେବାରେ ଲାଗିଛନ୍ତି । ଭବିଷ୍ୟତର ନିଷ୍ପତି ଏବଂ ପାରିବାରିକ ସମ୍ପର୍କରେ ବଢୁଥିବା ଫାଟ କାରଣରୁ ଅନେକ ସମୟରେ ନିଜର ମାନସିକ ସ୍ଥିତିକୁ ଅନ୍ୟସହ ସେୟାର କରିବାକୁ ମଧ୍ୟ ଅନେକ ପଛଘୁଞ୍ଚା ଦେଉଛି । ପ୍ରତିଟି ପରିବାରରେ ଅଭିଭାବକମାନେ ନିଜ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥାନ୍ତି । ମାତ୍ର ଏହି ଗୁରୁତ୍ୱ ଭିତରେ ସେମାନେ ପିଲାଙ୍କର ମାନସିକ ସ୍ୱାସ୍ଥ୍ୟ ଦିଗ ପ୍ରତି ଅନେକ ସମୟରେ ଅଣଦେଖା କରିଥାନ୍ତି । ଆମେରିକା ଏକ ଗବେଷଣା ରିପୋର୍ଟ ଅନୁସାରେ ସେଠାରେ ପୁଅଙ୍କ ଠାରୁ ଝିଅଙ୍କ ମାନସିକ ଅସ୍ଥିରତା ବେଶ୍ ଅଧିକ । ଭବିଷ୍ୟତ ନିଷ୍ପତି, ପରିବାର ସମସ୍ୟା ଏବଂ ପରୀକ୍ଷା ଆଦି ଏହାର କାରଣ ରହିଥାଏ । ପିଲାଙ୍କ ମଧ୍ୟରେ ବଢୁଥିବା ଏହି ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଆମେରିକାର ରାଜ୍ୟ ଅରେଗନ୍ ପକ୍ଷରୁ ପିଲାଙ୍କୁ ଛୁଟି ଦେବାର ବ୍ୟବସ୍ଥା ଆରମ୍ଭ ହୋଇଛି ।

# ଜୈବିକ କୃଷିର ନୂଆ ଦିଗ 'ଜୀବାମୃତ'

ଜୈବିକ କୃଷିକୁ ଏବେ ସମସ୍ତେ ଆପଣେଇବାକୁ ତତ୍ପର । ଜଆଖତ, ପଞ୍ଚଗବ୍ୟ, ଦଶଗବ୍ୟ ବ୍ୟବହାର ବାଦ୍ ସମ୍ପ୍ରତି ଜୀବାମୃତକୁ ଜୈବିକ କୃଷି ପାଇଁ ବ୍ୟବହାର କରାଯାଉଛି । ଜବାମୃତର ଚାହିଦା ଏବେ ବଢ଼ିବାକୁ ଲାଗିଛି ଏବଂ ତା' ସହ ଜୈବିକ କୃଷିର ଏକ ନୂଆ ଦିଗ ଭାବେ ଏହା ଉଭା ହୋଇଛି । ଜୀବାମୃତ ଏକ ତରଳ ଜୈବିକ ଖତ । ନାଇଟ୍ରୋଜେନ୍, ପଟାସ୍, କାର୍ବନ୍ ପରି ପୋଷକତତ୍ତ୍ୱ ଯୋଗାଇଲା ଭଳି ଏକ ନୂତନ ଆରମ୍ଭ ଜୀବାମୃତ । ଏହାକୁ ଖୁବ୍ ସହଜ ଉପାୟରେ ଏକ କମ୍ ସମୟ ମଧ୍ୟରେ ପ୍ରସ୍ତୁତ କରାଯାଇପାରେ । ଜୀବାମୃତ ସହିତ ଅନ୍ୟ ଖତକୁ ମିଶ୍ରିତ କରି ମଧ୍ୟ ବ୍ୟବହାର କରାଯାଇହେବ । ଏହାକୁ ପ୍ରସ୍ତୁତ କରିବା ପାଇଁ ୧ ହଜାର ଲିଟର ପାଣି, ୫୦ କିଗ୍ରା ଗୋବର, ୧୦-୧୨ କିଗ୍ରା ବେସନ, ୧୦-୧୨ କିଗ୍ରା ଗୁଡ, ଗଛ ମୂଳରୁ କିଛି ବାଲି ବ୍ୟବହାର କରାଯାଏ । ଏସବୁକୁ ଗୋଟିଏ ପାତ୍ରରେ ମିଶ୍ରଣ କରି ଗୋଳାଇ ସୂର୍ଯ୍ୟାଲୋକଠାରୁ ଦୂରରେ ଅର୍ଥାତ୍ ଛାଇ ସ୍ଥାନରେ ରଖିବେ । ଚାରି ଦିନ ପର୍ଯ୍ୟନ୍ତ ପ୍ରତ୍ୟହ ୧୦ ମିନିଟ୍ ଲେଖା ଏହି ମିଶ୍ରଣକୁ ଭଲ ଭାବେ ଘାଣ୍ଟିବା ଆବଶ୍ୟକ । ୧୦-୧୨ ଦିନ ପରେ ଏହା ବ୍ୟବହାର ଉପଯୋଗୀ ହୋଇଯାଏ । ଏହାକୁ ବଗିଚା କିମ୍ବା ଚାଷ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ । ଜୀବମୃତ ମାଟିର ଉର୍ବରତା ବଢ଼ାଇବା ସହିତ ମିତ୍ର ଜୀବାଣୁ ସଂଖ୍ୟା ବୃଦ୍ଧି କରେ । ଜୀବାମୃତର ବ୍ୟବହାର ମାଟିରେ ଜିଆ ସଂଖ୍ୟା ବୃଦ୍ଧି କରିବ । ଯାହାଦ୍ୱାରା ମାଟି ହାଲୁକା ହେବା ସହ ମାଟିର ଜଳଧାରଣ କ୍ଷମତା ବୃଦ୍ଧି ପାଇବ । ଏହାକୁ ସ୍ପ୍ରେ' ଭାବରେ ମଧ୍ୟ ବ୍ୟବହାର କରାଯାଇପାରେ । ବର୍ତ୍ତମାନ ରାସାୟନିକ ସାରର ବିକଳ୍ପ ଭାବେ ଜୀବାମୃତ ବେଶ୍ ଆଦୃତ ଓ ଗ୍ରହଣୀୟ ।



# 'ଫିଶ୍ ପେଡିକିୟୋର' କରାଇବା ପୂର୍ବରୁ ସତର୍କତା

ପାଦକୁ ବିଶ୍ରାମ ଦେବାକୁ ଚାହୁଁଥିଲେ, ଏଇ ବିଶେଷ ଧରଣର 'ଫିଶ ଫେଡ଼ିକିୟୋର' ନିଶ୍ଚିତ ଭାବେ କରାଇବା ଉଚିତ । ତେବେ ଏହା କରିବା ପୂର୍ବରୁ କେତୋଟି କଥା ପ୍ରତି ଦୃଷ୍ଟି ଦେବା ସହ ସତର୍କ ରହିବା ଆବଶ୍ୟକ । ଯଦି ଆପଣଙ୍କ ପାଦରେ ଖଣ୍ଡିଆ ହୋଇଛି, ତେବେ ଏଇ ପେଡ଼ିକିୟୋର କରାଇବା ଅନୁଚିତ । ଏହା କାରଣରୁ ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି । ପାଦ ପାଣିରେ ରଖିବା ମାତ୍ରେ କୁଣ୍ଡାଇହେଲେ କିମ୍ବା ରକ୍ତ ବାହାରିଲେ ତୁରନ୍ତ ବାହାର କରିନିଅନ୍ତୁ । ମଧୁମେହ ରୋଗୀ ହୋଇଥିଲେ, ଫିଶ ପେଡ଼ିକିୟୋର ଭୁଲରେ ମଧ୍ୟ କରାନ୍ତୁନାହିଁ । ଶରୀରର ରୋଗପ୍ରତିରୋଧକ ଶକ୍ତି ଭଲ ନଥିଲେ ମଧ୍ୟ ଏହି ପେଡ଼ିକିୟୋର ଠାରୁ ଦୂରେଇ ରହିବା ଉଚିତ ।

# ଇଲୋନ୍ ମସ୍କଙ୍କ କାମ କରିବାର ଶୈଳୀ

**ଇଲେକ୍ଟ୍ରୋନିକ୍ କମ୍ପାନୀ 'ଟେଲ୍‌ସା'ର୍ ମାଲିକ୍ ହେଉଛନ୍ତି ଇଲୋନ୍ ମସ୍କ । ଅନ୍ୟ ଏକ ଚର୍ଚ୍ଚିତ କମ୍ପାନୀ 'ସ୍ପେସ୍‌ଏକ୍ସ'ର୍ ମୁଖ୍ୟ ଭାବେ ମଧ ସେ ସୁଚାରୁ ରୂପେ ଦାୟିତ୍ୱ ତୁଲାଉଛନ୍ତି । କମ୍ପାନୀର୍ ପରାମର୍ଶଦାତା ଏକ ସାକ୍ଷାତକାର୍‌ରେ କହିଥିଲେ, ବିଦ୍ୟୁତଚାଳିତ କାର୍ ଟି-୩ର୍ ତିଆରି ସମୟରେ ଇଲୋନ୍ କାର୍ଯ୍ୟାୟଳରେ ହିଁ ଶୋଉଥିଲେ । କାମକୁ କିଭଳି ଭାବେ ଯଥା ସମୟ ଭଲ ଭାବେ ଜଣା । ତାଙ୍କ କାର୍ଯ୍ୟଶୈଳୀ ନିମନ୍ତେ ଇଲୋନ୍ ଆଜି ପୂରା ବିଶ୍ୱସ୍ତରରେ ଚର୍ଚ୍ଚିତ ।**



- କୌଣସି କର୍ମଚାରୀଙ୍କ ପାଖରେ କାର୍ଯ୍ୟଶୈଳୀ ସମ୍ପର୍କରେ ଇଲୋନ୍ ଅବଗତ ହେଲେ, ତାଙ୍କୁ ବ୍ୟକ୍ତିଗତ ଭାବେ ସେ ମେଲ୍ କରି ବୁଝାନ୍ତି ।
- କର୍ମଚାରୀଙ୍କ ଉପରେ କାମର ଚାପକୁ ସେ ଲଦୁନଥିବା ବେଳେ ଲମ୍ବା ସମୟ ମିଟିଂ କରିବାକୁ ଇଲୋନ୍ ଆଦୌ ପସନ୍ଦ କରନ୍ତି ନାହିଁ ।
- ତାଙ୍କ କାର୍ଯ୍ୟାଳୟରେ ଯଦି ମିଟିଂ ହୁଏ, ଏଥିରେ ସମସ୍ତ କର୍ମଚାରୀ ଯୋଗଦେବାର ନିୟମ ବାଧ୍ୟବାଧକତା ହୋଇନଥାଏ ।
- କର୍ମଚାରୀଙ୍କୁ ସେ ପରାମର୍ଶ ଦିଅନ୍ତି, ନିଜ ବୁଦ୍ଧିକୁ ଉପଯୋଗ କର । ଅଯଥା ନିୟମକୁ ପାଳନ କରିବାରେ କିଛି ଲାଭ ମିଳେନାହିଁ । ବୋଲି ତାଙ୍କ ମତ ।




# ଡାଏଟ୍ ପିଲ୍‌ର ପାର୍ଶ୍ୱ ପ୍ରତିକ୍ରିୟା

କର୍ମବ୍ୟସ୍ତତା ମଧ୍ୟରେ ଅନେକ ଲୋକ ଖାଦ୍ୟପେୟ ଉପରେ ଧ୍ୟାନ ଦେଇ ନ ପାରିବା ଯୋଗୁ ଡାଏଟ୍ ପିଲ୍ ନେଉଛନ୍ତି । ଏହି ପିଲ୍‌ରେ ଭିଟାମିନ୍ସ, ମିନେରାଲ୍ସ ଓ ଅନେକ ଖଣିଜ ପଦାର୍ଥ ରହିଛି ଯାହା ଖାଦ୍ୟାଭାବକୁ ପୂରା କରିଥାଏ । ହେଲେ ଡାଏଟ୍ ପିଲ୍ ଇଟିଙ୍ଗ୍ ଡିସଅର୍ଡର ସମସ୍ୟା ବଢାଇପାରେ ? ଅଧ୍ୟୟନରୁ ଜଣାପଡିଛି କର୍ମବ୍ୟସ୍ତତା ବା ଓଜନ କମ୍ କରିବା ପାଇଁ ଯେଉଁମାନେ ଖାଦ୍ୟ ପରିବର୍ତ୍ତେ ଡାଏଟ୍ ପିଲ୍ ବା ସିରପ୍ ବ୍ୟବହାର କରୁଛନ୍ତି ସେମାନଙ୍କୁ ୧-୩ ବର୍ଷ ମଧ୍ୟରେ ଇଟିଙ୍ଗ୍ ଡିଜର୍ଡର ସମସ୍ୟା ରହିଛି । ଏଥି ସହ ଉଚ୍ଚ ରକ୍ତଚାପ, ଯକୃତ ଓ କିଡ୍‌ନୀର ସମସ୍ୟା ସମ୍ବନ୍ଧୀୟ ଗମ୍ଭୀର ସମସ୍ୟା ମଧ୍ୟ ହୋଇପାରେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଫେଲ୍ ମାରିଲା ଭବିଷ୍ୟତ ବାଣୀ...

ବିହାର ବିଧାନସଭା ନିର୍ବାଚନ ଫଳାଫଳ ସବୁ ଏକଜିଟ ପୋଲ ପୂର୍ବାନୁମାନକୁ ଭୁଲ୍ ବୋଲି ପ୍ରମାଣିତ କରିଛି । ମଙ୍ଗଳବାର ଦିନର ଭୋଟ ଗଣତି ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତୃତ୍ୱାଧୀନ ଏନଡିଏକୁ ପୁଣି ଥରେ ସରକାର ଗଠନ ଲାଗି ବିଜୟୀ କରାଇଛି । ଫଳରେ ନୀତୀଶ କୁମାର ଲଗାତାର ଭାବେ ଚତୁର୍ଥ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ଏକଜିଟ୍ ପୋଲ୍ ପୂର୍ବାନୁମାନ ସଂପୂର୍ଣ୍ଣ ଅବା ଅଂଶିକ ଭାବେ ଭୁଲ୍ ବୋଲି ପ୍ରମାଣିତ ହେବା ଭାରତୀୟ ନିର୍ବାଚନ ଇତିହାସରେ ନୂଆ କଥା ନୁହେଁ । ତେଣୁ ତେଜସ୍ୱୀ ଯାଦବ (ଆରଜେଡି) ନେତୃତ୍ୱାଧୀନ ମହାଗଠବନ୍ଧନ ଚଳିତ ନିର୍ବାଚନରେ ଦୁଇ-ତୃତୀୟାଂଶ (ଆଉ କେତେକ ସଂସ୍ଥା ଅର୍ଦ୍ଧେକ) ଆସନରେ ବିଜୟୀ ହେବ ବୋଲି ଯେଉଁ ଅନୁଧ୍ୟାନ ଆକଳନ କରିଥିଲେ ତାହା ଠିକ୍ ଓଲଟା ହୋଇଛି । ଏହା ପ୍ରମାଣିତ କରିଛି ଯେ, ଭାରତୀୟ ଭୋଟରମାନେ ବେଶ୍ ପରିପକ୍ୱ ଓ ସେମାନଙ୍କ ମନକୁ ବୁଝିବା ସହଜସାଧ୍ୟ ନୁହେଁ । ଚଳିତ ବିଧାନସଭା ନିର୍ବାଚନରେ ବିହାରରେ ଭୋଟରମାନଙ୍କ ସମ୍ମୁଖରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା । ତେଣୁ ଭୋଟରମାନେ ସେସବୁକୁ ବିଚାର କରି କେଉଁ ଦଳ ଅବା ମେଣ୍ଟକୁ ଭୋଟ ଦେଲେ ରାଜ୍ୟର ଓ ସେମାନଙ୍କର ହିତ ସେକଥା ଅବଶ୍ୟ ବିଚାରିଛନ୍ତି । ତିନି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ଭୋଟ ବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଇଁ ଅଗ୍ନିପରୀକ୍ଷା ଭଳି ପରିସ୍ଥିତି ଉପୁଜିଥିଲା । ପ୍ରଥମତଃ, କରୋନା ମହାମାରୀ ଯୋଗୁଁ ପ୍ରଚାର ଉପରେ ଯେଉଁ ଅଙ୍କୁଶ ଲାଗିଥିଲା, ତାହା ମୋଟାମୋଟି ସାମାଜିକ ଗଣମାଧ୍ୟମରେ ପ୍ରଚାର ସ୍ତରକୁ ପରିବର୍ତ୍ତିତ ହୋଇଥିଲା । ସେହିଭଳି ଏନଡିଏର ବହୁ ଷ୍ଟାର ପ୍ରଚାରକ ଏଥର ର୍ୟାଲି କିମ୍ବା ଜନସଭା କରିପାରିନଥିଲେ । ସେହିଭଳି ରାଜନୈତିକ ଫ୍ରଣ୍ଟରେ ତେଜସ୍ୱୀ ଯାଦବଙ୍କ ଜୋରସୋର ପ୍ରଚାର, ମହାଗଠବନ୍ଧନ ଗଠନ ଏବଂ ଏଲଜେପି ନେତା ଚିରାଗ ପଶ୍ୱାନଙ୍କ ନୀତୀଶଙ୍କ ବିରୋଧରେ ବିଷୋଦ୍‌ଗାର ଜେଡିୟୁକୁ ସାମୟିକ ଭାବେ ଚିନ୍ତିତ କରିବା ସ୍ୱାଭାବିକ ଥିଲା । କିନ୍ତୁ କ୍ଷମତା ଓ ଭୋଟ ରାଜନୀତିରେ ଧୂରନ୍ଧରର ନୀତୀଶ ରାଜ୍ୟବାସୀଙ୍କଠାରୁ ତାଙ୍କ ଜୀବନର ଶେଷ ଭୋଟ ମାଗିଥିଲେ । ଅର୍ଥାତ୍ ରାଜ୍ୟବାସୀ ତାଙ୍କୁ ଶେଷଥର ପାଇଁ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଦିଅନ୍ତୁ । ବିହାରବାସୀ ସମ୍ଭବତଃ ତାହା କରିଛନ୍ତି । ଏପରିକି କରୋନା ମହାମାରୀ ମୁକାବିଲାରେ ବିଫଳତା, ବନ୍ୟା ପରିଚାଳନାରେ ଅସଫଳତା, ଆର୍ଥିକ ବିକାଶ କ୍ଷେତ୍ରରେ ଅସନ୍ତୋଷ ସତ୍ତ୍ୱେ ଏନଡିଏକୁ ରାଜ୍ୟବାସୀଙ୍କ ସମର୍ଥନ ପ୍ରମାଣସିଦ୍ଧ କରିଛି ଯେ, ନୀତୀଶଙ୍କ ବିକଳ୍ପ ସେମାନେ ତେଜସ୍ୱୀ ଯାଦବଙ୍କଠାରେ ଦେଖି ପାରିନାହାଁନ୍ତି । ଅବଶ୍ୟ ଫଳାଫଳ ସୂଚିତ କରେ ଯେ, ବିଜୟ ସତ୍ତ୍ୱେ ଜେଡିୟୁଠାରୁ ବିଜେପି ଅଧିକ ଆସନ ହାସଲ କରିଛି ଓ ଏହାକୁ ବିଜେପି ତା'ର ଭବିଷ୍ୟତ ପାଇଁ ପୁଞ୍ଜି କରିପାରେ । ତେବେ ମହାଗଠବନ୍ଧନର ସଫଳତା, ୨୦୧୫ ଏବଂ ଗତବର୍ଷର ସାଧାରଣ ନିର୍ବାଚନ ତୁଳନାରେ ଅବଶ୍ୟ ଉତ୍ତମ । ଏହା ଏନଡିଏ ପାଇଁ ଚିନ୍ତାର କାରଣ ହୋଇପାରେ । ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ହେବେ ବୋଲି ପୂର୍ବରୁ ଘୋଷଣା ସରିଛି । କିନ୍ତୁ ବିଜେପି ମନ୍ତ୍ରମଣ୍ଡଳରେ ସିଂହଭାଗ ଦାବି କରିପାରେ । ଏହା ସଫଳତା ଅନୁପାତ ଅଙ୍କ ସୂଚିତ କରେ । ଜେଡିୟୁ କହିଲେ ନୀତୀଶ କୁମାରଙ୍କୁ ବୁଝାଏ । କାରଣ ସେ ତାଙ୍କର ଅନ୍ୟ ସବୁ ବରିଷ୍ଠ ସହଯୋଗୀଙ୍କ ପକ୍ଷଚ୍ଛେଦନ ଅବା ଦଳରୁ ବିତାଡ଼ିତ କରିସାରିଛନ୍ତି । ତେଣୁ ଅଗତ୍ୟା ମନ୍ତ୍ରିମଣ୍ଡଳ ଭାଗବଣ୍ଟାରେ ଜେଡିୟୁକୁ ବିଜେପି ବୋଲି ମାନିବାକୁ ହେବ ।

ଅପରପକ୍ଷେ, ମହାଗଠବନ୍ଧନର ଏଭଳି ଉନ୍ନତି ସତ୍ତ୍ୱେ ତ୍ରୁଟି କେଉଁଠି ରହିଲା, ତାହା ଉଭୟ ଆରଜେଡି ଏବଂ କଂଗ୍ରେସ ଆତ୍ମସମୀକ୍ଷା କରିବା କଥା । କାରଣ, ତିନି ବାମଦଳଙ୍କୁ ଅଧିକ ଫାଇଦା ମିଳିଛି । ଅନେକ ନିର୍ବାଚନମଣ୍ଡଳୀରେ ବହୁ କମ୍ ବ୍ୟବଧାନରେର ଆରଜେଡି କିମ୍ବା କଂଗ୍ରେସ ପ୍ରାର୍ଥୀ ହାରିଛନ୍ତି । ଲୋକପ୍ରିୟତା ଓ ଭୋଟ ହାସଲ ଦୁଇଟି ଭିନ୍ନ କଥା । ଏହାକୁ କେବଳ ଆରଜେଡି ନୁହେଁ, ଚିରାଗ ପଶ୍ୱାନ ମଧ୍ୟ ହୃଦୟଙ୍ଗମ କରିବା ଆବଶ୍ୟକ । କିଛି ନହେଲେ ସେ ତାହା ତାଙ୍କ ସ୍ୱର୍ଗୀୟ ପିତା ରାମବିଳାସ ପଶ୍ୱାନଙ୍କଠାରୁ ଶିକ୍ଷା କରିଥିଲେ, ଏ ନିର୍ବାଚନରେ ତାଙ୍କୁ ଏତେଟା ହଟହଟା ହେବାକୁ ପଡ଼ିନଥାନ୍ତା । ଏପରିକି ଅନୁକମ୍ପା ଭୋଟ (ରାମବିଳାସ ପଶ୍ୱାନଙ୍କ ବିୟୋଗ ଯୋଗୁଁ) ହାତେଇବାରେ ସୁଦ୍ଧା ସେ ବିଫଳ ହୋଇଛନ୍ତି । ଅନୁରୂପ ଦଶା ଭୋଗିବାକୁ ପଡ଼ିଛି ବହୁଜନ ସମାଜ ପାର୍ଟି, ଏଆଇଏମଆଇଏମ ଓ ଅନ୍ୟ ଛୋଟମୋଟ ଦଳଙ୍କୁ । ଭୋଟ ବିଭାଜନ ପାଇଁ ନିର୍ବାଚନ ଲଢ଼ିବା ଓ ଭୋଟ ପାଇଁ ନିଜର ପତିଆରା ଜମାଇବା ଦୁଇଟି ଭିନ୍ନ ଧାରା । ବିହାର ରାଜନୀତିରେ ସବୁ ଅସମ୍ଭବ ସମ୍ଭବ । କେବଳ ଫଳାଫଳ ନୁହେଁ, ହାତଛଡ଼ା, ହାତଧରା, ମେଣ୍ଟଗଢ଼ା ଓ ମେଣ୍ଟଭଙ୍ଗାରେ ମଧ୍ୟ ତାହା ପ୍ରତିଫଳିତ । ତଥାପି ନୀତୀଶଙ୍କ ସୂକ୍ଷ୍ମ ବୁଦ୍ଧି ତାଙ୍କୁ ଚତୁର୍ଥ ଥର ପାଇଁ କୁର୍ସି ଅକ୍ତିଆର କରିବାରେ ସକ୍ଷମ କରାଇଛି ।

# ବରିଷ୍ଠ ଆଇନଜୀବୀ ସ୍ୱର୍ଗୀୟ ନିରଞ୍ଜନ ପଣ୍ଡାଙ୍କ ସ୍ମରଣେ

ଅଶୋକ କୁମାର ସେନାପତି



ବାଲେଶ୍ୱର ଆଇନ୍ ମହାବିଦ୍ୟାଳୟରୁ ପ୍ରଥମ ବେଚ୍‌ରେ ସ୍ନାତକ ଡିଗ୍ରୀ ହାସଲ କରି ବାଲେଶ୍ୱର ଜଜ୍‌ସିପ୍‌ରେ ୧୯୮୨ ମସିହା ଫେବ୍ରୁଆରି ମାସରେ ଆଇନ୍ ବ୍ୟବସାୟରେ ଯୋଗ ଦେଲି। ଆଇନ୍ ବ୍ୟବସାୟରେ ଧୂରୀଣ ହେବାକୁ ହେଲେ ଜଣେ ଆଇନାଭିଜ୍ଞ ଗୁରୁ ଆବଶ୍ୟକ। ଏହି ଗୁରୁ ଅନ୍ୱେଷଣରେ ମୋତେ ସାହାଯ୍ୟ କରିଥିଲେ ମୋର ଜଣେ ପରମ ହିତୈଷୀ ରଣସାହି ଗ୍ରାମର ଶ୍ୟାମସୁନ୍ଦର ଦାସ। ସେ ମୋତେ ବାଲେଶ୍ୱରର ଜଣେ ତତ୍କାଳୀନ ପ୍ରଖ୍ୟାତ ଆଇନଜୀବୀ, ଉଦାରହୃଦୟ, ପିତୃତୁଲ୍ୟ ବ୍ୟକ୍ତିଙ୍କ ପାଖକୁ ନେଇଗଲେ। ସେ ହେଉଛନ୍ତି ସହଦେବଖୁଣ୍ଟା ନିବାସୀ ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ ଦାସ। ଶ୍ୟାମସୁନ୍ଦର ବାବୁ ମୋତେ ତାଙ୍କ ନିକଟରେ ଜଣେ କନିଷ୍ଠ ଆଇନଜୀବୀ ହିସାବରେ କାର୍ଯ୍ୟ କରିବା ପାଇଁ ପରିଚିତ କରାଇଦେବାପରେ ସେହି ମହାନ ମାନବବାଦୀ ଶ୍ରୀଯୁକ୍ତ ଦାସ ମୋତେ ସାଦରେ ଗ୍ରହଣ କରିନେଲେ।

ମୁଁ ସେହି ବିଦ୍ୱାନ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ସାନିଧ ଲାଭ କଲାପରେ ମୋର ମାନସିକ ଓ ବୌଦ୍ଧିକ ବିକାଶ ଘଟିଥିଲା। ସେ ସମୟରେ ତାଙ୍କ ଅଧୀନରେ ବହୁ କନିଷ୍ଠ ଆଇନଜୀବୀ ବିଶେଷ କରି ନିରଞ୍ଜନ ପଣ୍ଡା, ଲଙ୍କେଶ୍ୱର ବେହେରା, ଶିଶିର କୁମାର ବେହେରା, ଶଶଧର ବେହେରା ଏବଂ ମୁଁ ଥିଲୁ ଅନ୍ୟତମ। ଏମାନଙ୍କ ମଧ୍ୟରୁ ଦିବଂଗତ ନିରଞ୍ଜନ ପଣ୍ଡା, ଗଜେନ୍ଦ୍ର ପ୍ରସାଦ ଦାସଙ୍କର ଆଗଧାଡ଼ିର କନିଷ୍ଠ ସହଯୋଗୀ ଓକିଲ ଥିଲେ। ସେତେବେଳକୁ ତାଙ୍କର ୧୦ବର୍ଷ ପ୍ରାକ୍‌ଟିସ୍ ହୋଇଯାଇଥିବାରୁ ଆମେ ଅନ୍ୟ ସମସ୍ତ କନିଷ୍ଠ ଆଇନଜୀବୀ ତାଙ୍କୁ ଜଣେ ବରିଷ୍ଠ ଆଇନଜୀବୀ ତଥା ଆମର ବଡ଼ଭାଇ ରୂପେ ମାନ୍ୟତା ଦେଉଥିଲୁ। ପରବର୍ତ୍ତୀ ସମୟରେ ମୁଁ ଜାଣିବାକୁ ପାଇଲି ନିରଞ୍ଜନ ପଣ୍ଡା ହେଉଛନ୍ତି ଗଜେନ୍ଦ୍ର ପ୍ରସାଦଙ୍କ ଝିଆରି ଜ୍ୱାଇଁ। ଗଜେନ୍ଦ୍ର ପ୍ରସାଦ ଶ୍ରଦ୍ଧାରେ ନିରଞ୍ଜନ ପଣ୍ଡାଙ୍କୁ ସବୁବେଳେ 'ଝାଡ଼ି' ବୋଲି ଡାକୁଥିଲେ।

ଗଜେନ୍ଦ୍ର ପ୍ରସାଦ ଦାସଙ୍କ ଅଧୀନରେ ମୁଁ ମାତ୍ର ୨ବର୍ଷ କାର୍ଯ୍ୟ କରିଥିବାବେଳେ ନିରଞ୍ଜନ ପଣ୍ଡା ବାଦୀଙ୍କ ତରଫରୁ ସବ୍‌ଜଜ୍‌ଙ୍କ ଅଦାଲତରେ ଗୋଟିଏ ଦେୱାନୀ ମୋକଦ୍ଦମା ଆଗତ କରିଥିଲେ। ଘଟଣାକ୍ରମେ ଉକ୍ତ ଦେୱାନୀ ମୋକଦ୍ଦମାର ବିବାଦୀ ମୋତେ ତାଙ୍କ ତରଫରୁ ମୋକଦ୍ଦମା ଲଢ଼ିବା ପାଇଁ ଓକିଲ ଭାବେ ନିଯୁକ୍ତ କଲେ। ସେତେବେଳକୁ ଆଇନବ୍ୟବସାୟରେ ମାତ୍ର ୨ବର୍ଷର ମୋର ଅଭିଜ୍ଞତା ହୋଇଥାଏ। ୧୦ବର୍ଷର ଅଭିଜ୍ଞତା ଥିବା ପ୍ରବୀଣ ନିରଞ୍ଜନ ପଣ୍ଡାଙ୍କ ସହିତ ଟକ୍କର ଦେଇ ମୁଁ ବିବାଦୀଙ୍କ ତରଫରୁ ମୋକଦ୍ଦମା ଲଢ଼ି ସଫଳ ହୋଇପାରିବିତ? -ଏହି ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ କଲାରୁ ମୁଁ ଆଶଙ୍କିତ ହୋଇ ମୋ ଓକିଲାତି ଜୀବନର ଭାଗ୍ୟବିଧାତା ଗଜେନ୍ଦ୍ର ପ୍ରସାଦ ଦାସଙ୍କ ପାଖକୁ ଗଲି। ମୋ ସାଙ୍ଗରେ ମୋ ବିବାଦୀ ମହକିଲଙ୍କୁ ମଧ୍ୟ ନେଇଯାଇଥିଲି। ଗଜେନ୍ଦ୍ର ପ୍ରସାଦ ଦାସ ବାଦୀଙ୍କ ଦ୍ୱାରା ଆଗତ ଆବେଦନପତ୍ରକୁ ଭଲଭାବେ ପଢ଼ି ମୋ ଦ୍ୱାରା ଏହାର ଜବାବ ପ୍ରସ୍ତୁତ କଲେ ଏବଂ ମୋ ସହିତ ରହି ମୋକଦ୍ଦମା ପରିଚାଳନା କରିବାପାଇଁ ମୋତେ ଖୋଲାଖୋଲି ଭାବେ ପ୍ରତିଶ୍ରୁତି ଦେଲେ। ଯଥାସମୟରେ ଉକ୍ତ ମୋକଦ୍ଦମାର ଜବାବ ମୁଁ ଦାଖଲ କରିଦେଲି।

କିନ୍ତୁ ଅତ୍ୟନ୍ତ ଦୁଃଖର କଥା ଯେ ଏହି ମହାନ ଆତ୍ମା ଗଜେନ୍ଦ୍ର ପ୍ରସାଦ ଦାସଙ୍କ ୧୯୮୪ ମସିହା ଡିସେମ୍ବର ମାସରେ ଦେହାନ୍ତ ହୋଇଗଲା। ମୁଁ ତାଙ୍କ ମୃତ୍ୟୁରେ ମର୍ମାହତ ହୋଇଥିଲେହେଁ ତାଙ୍କ ପ୍ରଦର୍ଶିତ ପନ୍ଥା ଅନୁସରଣ କରି ତାଙ୍କରି ଜ୍ଞାନରେ ବଳବାନ ହୋଇ ଏକାକୀ ମୋକଦ୍ଦମା ଚଳାଇବାକୁ ସାହସ ବାନ୍ଧିଲି। ଏହାର ୨ବର୍ଷ ପରେ, ଅର୍ଥାତ୍ ୧୯୮୬ ମସିହା ବେଳକୁ ଉକ୍ତ ମୋକଦ୍ଦମା ବିଚାର ହେବାପାଇଁ ତାରିଖ ଧାର୍ଯ୍ୟ ହେଲା। ମୋ ମନରେ ପୁଣି ଅହେତୁକ ଦୁର୍ବଳତା ଆସିଲା। ବାଦୀଙ୍କ ସପକ୍ଷରେ ୧୨ବର୍ଷ ଅଭିଜ୍ଞତା ହାସଲ କରିଥିବା ନିରଞ୍ଜନ ପଣ୍ଡାଙ୍କ ବିରୁଦ୍ଧରେ ମୋକଦ୍ଦମା ଲଢ଼ିବା ପାଇଁ ମୁଁ ସାହସ ଜୁଟାଇ ପାରିଲିନାହିଁ। ତେଣୁ ବାଲେଶ୍ୱର ତଥା ସମଗ୍ର ଓଡ଼ିଶାର ଆଉଜଣେ ଦେୱାନୀ ବିଶାରଦ ତଥା ନିତିନିଷ୍ଠ ଆଇନଜୀବୀ କିଶୋରୀମୋହନ ଦାସଙ୍କୁ ଉକ୍ତ ମୋକଦ୍ଦମାର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିବାପାଇଁ ମୋ ମହକିଲଙ୍କୁ ମୁଁ ପ୍ରସ୍ତାବ ଦେଲି। ମାତ୍ର ମୋ ମହକିଲଙ୍କର ମୋ ଉପରେ ଏତେ ବିଶ୍ୱାସ ଓ ଭରସା ଥିଲା ଯେ ସେ କହିଲେ, "ଆପଣ ହିଁ ମୋକଦ୍ଦମା ଲଢ଼ନ୍ତୁ। ମୁଁ ଜିତିଲେ ଜିତିବି, ହାରିଲେ ହାରିବି। ସେଥିପାଇଁ ମୋର ଦୁଃଖ ନାହିଁ।" ମୋ ମହକିଲଙ୍କ ମୋ ପ୍ରତି ପ୍ରଗାଢ଼ ପ୍ରତ୍ୟୟ ଓ ଭରସା ଥିବାର ଦେଖି ମୋର ମନୋବଳ ବୃଦ୍ଧି ହେଲା। ତଥାପି ପ୍ରଖ୍ୟାତ ବୟୋଜ୍ୟେଷ୍ଠ ଓକିଲ କିଶୋରୀ ମୋହନ ଦାସଙ୍କ ପରୋକ୍ଷ ପରାମର୍ଶ ଗ୍ରହଣ କରି ଉକ୍ତ ମୋକଦ୍ଦମାକୁ ବିବାଦୀଙ୍କ ତରଫରୁ ନିଷ୍ଠାର ସହ ଲଢ଼ିଲି ଏବଂ ମୋକଦ୍ଦମା ଜିତିଲି।

ତଦୁତ୍ତାରେ ନିରଞ୍ଜନ ବାବୁ ମୋ ଦକ୍ଷତା ଓ ନିଷ୍ଠାରେ ସନ୍ତୁଷ୍ଟ ହୋଇ କହିଲେ, "ଅଶୋକ! ତୁ ଏବେ ବରିଷ୍ଠ ଓକିଲ ହୋଇଗଲୁ। ଆଉ ମୋ ଅଧୀନରେ ରହିବା ତୋର ଦରକାର ନାହିଁ।" କିନ୍ତୁ ମୋକଦ୍ଦମା ପରିଚାଳନା କ୍ଷେତ୍ରରେ ଏବଂ ଅନ୍ୟ ସବୁକ୍ଷେତ୍ରରେ ମୁଁ ତାଙ୍କର ପରାମର୍ଶ ଓ ଉପଦେଶ ଲୋଡ଼ିଲି। ସେ ମୋତେ ମଧ୍ୟ ନିର୍ବିକାର ଚିତ୍ତରେ ପରାମର୍ଶ ଦେଇଚାଲିଲେ ଏବଂ ମୋତେ ନିଜର ସାନଭାଇ ଭଳି ଶେଷପର୍ଯ୍ୟନ୍ତ ସ୍ନେହାଦର କରିଆସିଥିଲେ।

୨୦୧୬ ମସିହାରେ ମୋର ଓକିଲବନ୍ଧୁ ମାନନୀୟ ଶତ୍ରୁଘ୍ନ ବିଶ୍ୱାଳ ସରକାରୀ ଓକିଲ ଭାବେ ନିଯୁକ୍ତି ହେଲେ। ଏବଂ ମୋତେ ଓଡ଼ିଶା ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଥିଲା। କିନ୍ତୁ ବିଶ୍ୱାଳବାବୁଙ୍କ ଅକାଳ ବିୟୋଗ ହେବାରୁ ତାଙ୍କ ସ୍ଥାନରେ ନିରଞ୍ଜନ ପଣ୍ଡା ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଲେ। ଫଳରେ ସହଯୋଗୀ ଭାବେ ତାଙ୍କ ସମ୍ପର୍କରେ ଆସି ତାଙ୍କ ସହିତ କାମ କରିବା ପାଇଁ ମୋତେ ପୁଣି ସୁଯୋଗ ମିଳିଲା। ସରକାରଙ୍କ ତରଫରୁ ବହୁତ ଗୁରୁତ୍ୱପୂର୍ଣ୍ଣ ମୋକଦ୍ଦମାରେ ଆମ୍ଭେ ଉଭୟ ଏକତ୍ର ବିଚାରବିମର୍ଶ କରି ସରକାରଙ୍କ ପକ୍ଷେ ସଫଳତା ହାସଲ କରିଥିଲୁ। ତନ୍ମଧ୍ୟରୁ ବହୁଚର୍ଚ୍ଚିତ ପଞ୍ଚୁପଡ଼ା ସେତୁ ମାମଲା ଓ ବାଲେଶ୍ୱର ସହର ମୁଖ୍ୟାଂଶରେ ଅବସ୍ଥିତ ଅଙ୍ଗାରଗଡ଼ିଆ ମୌଜାର ପ୍ରାୟ ୨୦୦ ଏକର ସରକାରୀ ଜମି ଉଦ୍ଧାର କାର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା।

ନିରଞ୍ଜନବାବୁ ମହକିଲବତ୍ସଳ ଥିବାରୁ ବହୁ ଲୋକଙ୍କ ସମ୍ପର୍କରେ ଆସି ମହାମାରୀ କରୋନା ରୋଗରେ ଆକ୍ରାନ୍ତ ହୋଇଥିବାର ଅନୁମାନ କରାଯାଏ। ଏହି ରୋଗର ଚିକିତ୍ସା ପାଇଁ ସେ ଭୁବନେଶ୍ୱର ଯିବାପୂର୍ବରୁ ମୋ ଉପରେ ଭରସା କରି ସରକାରୀ ଓକିଲର ଦାୟିତ୍ୱ ମୋତେ ଅର୍ପଣ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପତ୍ରଦ୍ୱାରା ସୁପାରିଶ କରିଥିଲେ। ଏଥିରୁ ପ୍ରମାଣିତ ହୁଏ ଯେ ମୋ ପ୍ରତି ତାଙ୍କର କେତେ ଆନ୍ତରିକତା ଓ ଆତ୍ମବିଶ୍ୱାସ ଥିଲା। ଆଜି ତାଙ୍କର ଦେହାନ୍ତ ହୋଇଯାଇଛି, କିନ୍ତୁ ମୁଁ ଅନୁଭବ କରୁଛି ଯେ ସେ ମୋ ପାଖେପାଖେ ଅଛନ୍ତି। ଏବଂ ଆମେ ଦୁହେଁ ଏକସାଙ୍ଗରେ ସରକାରୀ ମୋକଦ୍ଦମା ଲଢୁଅଛୁଁ। ତାଙ୍କ ଅବର୍ତ୍ତମାନରେ ସେହି ହସହସ ମୁଖ ମୋ ହୃଦୟକୁ ଆନ୍ଦୋଳିତ କରୁଛି।

ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ - ଈଶ୍ୱରଙ୍କଠାରେ ମୋର ଏତିକି ପ୍ରାର୍ଥନା।

+ ଆଡ଼ଭୋକେଟ୍, ବାଲେଶ୍ୱର

# କେତେ ଭଲ ଗର୍ଭ ନିରୋଧକ ବଟିକା ?

ଡାକ୍ତର ଶୁଭଶ୍ରୀ ମିଶ୍ର



କ୍ଲିନିକରେ ପଶିଲା ବେଳକୁ ମୋତେ ଅପେକ୍ଷା କରିଥାଏ ରାଜଶ୍ରୀ। କଲେଜ ବେଳର ସାଙ୍ଗ, ବିବାହ ପରେ ତା ସହିତ ଆଉ ସେପରି ଯୋଗାଯୋଗ ବି ନଥିଲା। ସେ ମୁମ୍ବାଇରେ ରହୁଥିବାରୁ ଯିବା ଆସିବା ସମ୍ପର୍କ ବି ସମ୍ଭବ ନୁହେଁ। ବହୁଦିନ ପରେ ଦେଖା ହେବାରୁ ଖୁସି ଲାଗିଲା ତା ପାଇଁ ଚା ମଗାଇଲି ଓ ପଚାରିଲି ଆଉ କେମିତି କୁଆଡ଼େ ମୋତେ ମନେ ପକାଇଲୁ? କହିଲା 'ତୋ ସାଙ୍ଗରେ ଟିକିଏ କଥା ଥିଲା ତ'। ମୁଁ କହିଲି ତୋ ସାଙ୍ଗ ଜଣେ ଡାକ୍ତରାଣୀ ମୋତେ ସବୁ କଥା ଖୋଲି କରି କହ। ଚାପି ରଖିଥିବା କଥାଟିକୁ ମୋ ଆଗରେ ଖୋଲି କହିଲା 'ତୁ ତ ଜାଣୁ, ମୋର ଗୋଟିଏ ପୁଅ। ଆମେ ବି ଆଉ ପିଲା ଚାହୁଁନୁ। ତେବେ ଗର୍ଭନିରୋଧକ ବଟିକା ମୁଁ ନିୟମିତ ଖାଉଛି ଯେ ମଝିରେ ଖବର କାଗଜରେ ବାହାରିଥିଲା ଏ ବଟିକା କୁଆଡ଼େ ଭଲ ନୁହେଁ।' ମୁଁ ତାକୁ କହିଲି ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ କେବଳ ୪୮.୫ % ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ ।

ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନିୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ହୋଇଯିବା ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ି ଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୂଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୂଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା କାମକରେ ନାହିଁ ।

ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ । ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପାଞ୍ଚ ମିଲିଗ୍ରାମର ଫଲିକ୍ ଏସିଡ଼ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

+ ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୮୬୧୪୬୩୪୦୬

## କବିତା କୋଣାର୍କ

### ଶବ...



ପୁରୁଷମ ଯୁଆଡି

ଇଚ୍ଛା ଓ ଆଶା କାହାର ବା ନ' ଥାଏ
ଆମ କାମନାରେ ବିନାଶ ହେଲା କି ?
ନାହିଁ ନା'
ଶବ'ର କ'ଣ କ୍ଷୋଭ ନ ଥିବ
ସେ ବି ତ ଚାହିଁଥିବ ବଞ୍ଚିବାକୁ !

କାଲି ତା ସହ ଯିଏ ଖେଳୁଥିଲା
ବାଲକୋନିରେ
ମିଶିଥିଲା ନଇଁ ପଠାରେ
ଯାହା ସହ ଉଡାଣ ଭରିଥିଲା ପାହାଡ଼
ଶୀର୍ଷରୁ
ସେ ତ ଏବେ ବେଶ୍ ଚଳଚଞ୍ଚଳ !
ବୁଲୁଛି ସହର, ବଜାର
ସମୁଦ୍ର ବେଳାଭୂଇଁ, ନିରଂଜନା କୂଳ
ସଦ୍ୟ ଫୁଟିଥିବା ଫୁଲଙ୍କ ସହରେ ।

ବାଡ଼ ନାହିଁ ବତା ନାହିଁ
ନା ପ୍ରାଣକୁ ଭୟ, ନା ପରିତ୍ରାଣ
ପାପକୁ, ପାରଡ଼ାଇଜକୁ ବି ଖାତିର ନାହିଁ
ଶବ ବି ହକ୍ ବସେଇବ
ଦୁନିଆଁ ଆଗରେ
ଜାହିର କରିବ ଅଧିକାର
ତାର୍ ବି ରହିବାର ଅଛି
ଅନ୍ୟମାନଙ୍କ ପରି, ବେଶ୍ ଆଗଭଳି
ବୁଲିବାକୁ ଅଛି ନନ୍ଦନବନ,
ଶିଖିବାକୁ ଅଛି କାଉଁରୀ ବିଦ୍ୟା
ନିଜ ଦେହେ ଲେସି ହେଇ ଅଦୃଶ୍ୟ
ପ୍ରଲେପ ।

ସମୟ ବେଶ୍ ନଛୋଡ଼ବନ୍ଧା
ସମୁଦ୍ର ପାଣିରେର ବି ଖୋଜେ
ସେମ୍ପେନର୍ ସ୍ୱାଦ
ଦେବା ନେବା ଜାଣିଛି ବୋଲି
ଖୁବ୍ ବହପିଆ ହୁଏ
ବୟସର ଚହଲା ପାଣିରେ
ଜାଣିଶୁଣି ନିଆଁ ଲଗାଏ ।

ନା' ଶବକୁ ଛୁଅଁନା
ଏବେ ସେ ତପସ୍ୟାରେ ରତ
ଦେଖିବ ସିଏ ମରିନି, ମରି ପାରେନା !
ଅପେକ୍ଷା କର
ତାକୁ ଶିବ ହେବାକୁ ଦିଅ
ଆମ ପରି, ତୁମ ପରି, ଈଶ୍ୱର ପରି
ଜଣେ ହେବାକୁ ଦିଅ ।

+ ଭୁତିବାହାଲ, ଗାଇସିଲାଟ, ବରଗଡ଼ ।

### କବି...

ସୁଦର୍ଶନ ମହାପାତ୍ର

କର୍ଣ୍ଣଧାର ତୁମେ ସାହିତ୍ୟର
ସାରସ୍ୱତ ସାଧନାରେ ବ୍ରତୀ,
ହେ ପିପାସୁ ଦିବ୍ୟ ସାଧନାର
ତୁମେ ପରା ସ୍ୱୟଂସିଦ୍ଧ ଯତି ॥
ଅନ୍ୟାୟ ଅଧର୍ମ ପ୍ରତିହତେ
ଜାଗରିତ କର ନିଃସ୍ୱ ପ୍ରାଣ,
ଅଜ୍ଞାନ ଅନ୍ଧାର ଦୂର କରି
ଦୃପ୍ତ କର ଜନ ଗଣ ମନ ॥
ଦୀପଶିଖା ପରି ଜଳି ଜଳି
ଅନ୍ୟାୟ ବିରୁଦ୍ଧେ ଲଢ଼ିଯାଅ,
ଆବିଷ୍କାର କର ସତ୍ୟତାକୁ
ନବ ଦିଗନ୍ତକୁ ଛୁଇଁଯାଅ ॥
ତୁମ ପ୍ରାଣ ସଦା ରହିଥାଉ
ଭାଷା ସାହିତ୍ୟର ପ୍ରଗତିରେର,
ସମାଜ ସଂସ୍କାରେ ଜାଗିଉଠେ
ସମର୍ପଣ ସେବା ଭାବନାରେ ॥
ଶୁଣ ବାରେ ସମୟ ଆହ୍ୱାନ
ବ୍ରତ ତୁମ ଜଗତ କଲ୍ୟାଣ,
ଲେଖନୀ ତୁମର କାଳଜୟୀ
ପ୍ରତି ହୃଦେ ତୋଳ ଜାଗରଣ ॥
ନୂତନ ସୂରୁଜ ଉଇଁ ଉଠୁ
ଅନ୍ଧକାର ଚିରି ଦିଗନ୍ତରେ,
ଦୃପ୍ତ ମାନସରେ ସଦା ଚାଲ
ସଂକଳ୍ପିତ ଲକ୍ଷପଥ ଧାରେ ॥
ଜ୍ଞାନାଲୋକ ବିତରଣ କରି
ଆଙ୍କି ଦିଅ ମନସ୍ୱିନୀ ଛବି,
ଗଢ଼ି ତୋଳ ନୂତନ ଜଗତ
ଦ୍ୱିତୀୟ ବ୍ରହ୍ମା ହେ, ତୁମେ କବି ॥

+ କୁଞ୍ଜବିହାରୀ ଲେନ, କଟକ ।

## କବିତା କୋଣାର୍କ



### ମୁକାବିଲା...

ପ୍ରଦୀପ୍ତ ଆଚାର୍ଯ୍ୟ

ଶୀତ ସକାଳରେ,କୁହୁଡି ପଡିଲେ,
ରାସ୍ତା ଦେଖାଯାଏ ନାହିଁ,
ଡରିଯିବା ଯଦି,ସେ ରାସ୍ତାରେ ଆମେ,
ଆଗେଇ ପାରିବା ନାହିଁ।
ଯେତିକି ପର୍ଯ୍ୟନ୍ତ,ରାସ୍ତା ଦେଖାଯାଏ,
ସେତିକି ପର୍ଯ୍ୟନ୍ତ ଗଲେ,
ଆଗକୁ ଆଗକୁ, ରାସ୍ତା ଦେଖାଯିବ,
ମାଡି ମାଡି ଚାଲିଥିଲେ।
ମନକୁ ଦୁର୍ବଳ,କରିଦେଲେ ଥରେ,
ସାହସ ଆସିବ ନାହିଁ
ସମ୍ମୁଖ ମାର୍ଗଟି,ଭୟ ଦେଖାଇବ,
କିଛି ଦେଖାଯିବ ନାହିଁ।
ସମସ୍ୟାକୁ ଯଦି ,ମୁଲୁ ଡରିଯିବା,
ସମାଧାନ ମିଳେ ନାହିଁ,
ଧୈର୍ଯ୍ୟର ସହିତ,କଲେ ମୁକାବିଲା,
କେବେବି ହାରିବା ନାହିଁ।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

# ପୁଂଜିବାଦୀଙ୍କ ଜାଲରେ ଗଣତନ୍ତ୍ର

ଗୋପାଳ ମହାପାତ୍ର

ବ୍ରିଟିଶ ଲେବର ପାର୍ଟିର ଅଧ୍ୟକ୍ଷ ତଥା ମହାନ୍ ଅର୍ଥଶାସ୍ତ୍ରୀ ହେରାଲଡ୍ ଲାସ୍କି ଫାଶିବାଦର ବିଶ୍ଳେଷଣ କରି କହିଥିଲେ ଯେ ଫାଶିବାଦର ଅସଲ ଉଦ୍ଦେଶ୍ୟ ହେଉଛି ଆର୍ଥୀକ ଶକ୍ତିର ଉପକରଣ ସବୁକୁ ମାଲିକମାନଙ୍କ ହିତରେ ଉଦାର ବିଗ୍ରହ ଏବଂ ସଂସ୍ଥାମାନଙ୍କର ବିନାଶ କରାଯିବା । ଏହାଦ୍ୱାରା ପୁଁଜିବାଦ ଶସକ୍ତ ହୋଇପାରିବ । ଗଣତନ୍ତ୍ରର ବିପରିତ ହେଉଛି ଫାଶିବାଦ । କିନ୍ତୁ ବିଶ୍ୱର ଅନେକ ଦେଶରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହୋଇଥିବା ସରକାର ଯେଉଁଳି ଭାବରେ ବଜାରରେ ଏକାଧିକାର ପାଇଁ ପୁଁବାଦୀମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି ସେଥିରୁ ଫାଶିବାଦୀ ପ୍ରବୃତ୍ତି ନୂଆ ରୂପରେ ଶସକ୍ତ ହୋଇ ଉଭା ହେଉଛି । ରୁଷରେ ଶାସନ ଗାଦିରେ ରହିବା ପାଇଁ ଭ୍ଲାଦିମିର ପୁଟିନ ପୁଁପତିମାନଙ୍କୁ ରିହାତି ଦେଇଥିଲେ । ଏହାଫଳରେ ପୁଁପତିମାନଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ ଓ ସେମାନଙ୍କର ପୁଂଜି ମଧ୍ୟ ବୃଦ୍ଧି ପାଇ ପାରିବ । କିନ୍ତୁ ଏହାଦ୍ୱାରା ରୁଷରେ ଉଦାରବାଦର ଅନ୍ତ ହୋଇଗଲା । ରୁଷରେ ପୁଟିନଙ୍କର ଲୋକପ୍ରିୟତା ଶୀର୍ଷରେ ରହିଛି କିନ୍ତୁ ଗଣତନ୍ତ୍ର ପ୍ରତି ତାଙ୍କ ଦୃଷ୍ଟିଭଙ୍ଗୀ ଯେ ସଂକୀର୍ଣ୍ଣ ସେ କଥା ମଧ୍ୟ ରୁଷ ଜନସାଧାରଣ ଜାଣନ୍ତି । ପୁଟିନ ଶାସନରେ ରହିବା ପାଇଁ ଏପରିକି ତାଙ୍କୁ କିପରି କେହି ପ୍ରତିଦ୍ୱନ୍ଦିତା କରିବେନି ସେଥିପାଇଁ ପ୍ରୟାସ କରିଛନ୍ତି । ବୈଦେଶିକ ନୀତି ଦୃଷ୍ଟିରୁ ରୁଷର ଜନସାଧାରଣ ତାଙ୍କୁ ଶସକ୍ତ ରୁଷର ନିର୍ମାତା ବୋଲି ଗ୍ରହଣ କରିନେଇଛନ୍ତି ଏପରିକି ରୁଷର ଜନସାଧାରଣ ଭାବନ୍ତି ଯେ ପୁଟିନଙ୍କ ନେତୃତ୍ୱ ହିଁ ବିଶ୍ୱରେ ରୁଷର ଗୌରବ ବୃଦ୍ଧି କରିଛି । ରୁଷର ଆର୍ଥୀକ ସ୍ଥିତି ଭଲ ନାହିଁ ଏବଂ ଚୀନ ଏବେ ରୁଷର ବଜାରକୁ ଏକ ପ୍ରକାରର କବ୍‌ଜା କରିରଖିଛି । ଏକଦା ବିଶ୍ୱକୁ ଆଖି ଦେଖାଉଥିବା ରୁଷକୁ ଆର୍ଥିକ ବ୍ୟବସ୍ଥା ପାଇଁ ଚୀନ ଉପରେ ନିର୍ଭରଶୀଳ ହେବାକୁ ପଡୁଛି । ଏହି ନିର୍ଭରଶୀଳ ହେବାର ବହୁ ମୂଲ୍ୟ ଦେବାକୁ ମଧ୍ୟ ପଡ଼ିଛି ରୁଷକୁ । କିଛି ଦଶନ୍ଧି ପୂର୍ବରୁ ଜମି ବିବାଦକୁ ନେଇ ଯୁଦ୍ଧ ପାଇଁ ପ୍ରସ୍ତୁତ ଥିବା ରୁଷ ଏବେ ଚୀନ ଆଗରେ ନିଜର ସ୍ଥିତି ଜାହିର କରିବାରେ ଅକ୍ଷମ ହୋଇପଡ଼ିଛି । ଏହାର ଏକ ପ୍ରମୁଖ କାରଣ ହେଉଛି ରୁଷ ସରକାର ନିୟନ୍ତ୍ରିତ ଅର୍ଥ ବ୍ୟବସ୍ଥାକୁ ପୁଁପତିଙ୍କ ହାତରେ ସମର୍ପି ଦେବା ।

୯୦ ଦଶନ୍ଧିରେ ସୋଭିଏତ ରୁଷର ବିଭାଜନ ପରେ ବୋରିସ୍ ୟେଲସ୍ତିନ୍ ରୁଷର ପ୍ରାକୃତିକ ସଂସାଧନ ଏବଂ ରାଜନୈତିକ ଶକ୍ତିକୁ କିଛି ବ୍ୟକ୍ତିବିଶେଷଙ୍କ ହାତରେ ସମର୍ପି ଦେଇଥିଲେ । ଏହାର ପ୍ରତିବଦଳରେ ତାଙ୍କୁ ଦ୍ୱୀତିୟ ଥର ପାଇଁ ରାଷ୍ଟ୍ରପତି ହେବାରେ ସହାୟତା ମିଳିଥିଲା । ଅର୍ଥାତ୍ ଏହି ମୁଷ୍ଟିମେୟ ବ୍ୟକ୍ତିବିଶେଷ ତାଙ୍କୁ ୨ୟ ଥର ରାଷ୍ଟ୍ରପତି ହେବାରେ ସହଯୋଗ ଓ ସମର୍ଥନ କରିଥିଲେ । ଏହି ପୁଁପତିମାନେ ଗ୍ୟାସ୍ ଏବଂ ତୈଳ କମ୍ପାନୀଗୁଡ଼ିକ ବ୍ୟତିତ ମିଡ଼ିଆ କମ୍ପାନୀକୁ କ୍ରୟ କରି ଅରବ ଡଲାର ଲାଭ କଲେ । ୟେଲସ୍ତିନଙ୍କ ସମୟରେ ଏହି ପୁଂଜିପତିମାନଙ୍କର ପ୍ରଭାବ ରାଜନୈତିକ କ୍ଷେତ୍ରରେ ମଧ୍ୟ ବୃଦ୍ଧି ପାଇଲା । ଭ୍ଲାଦିମର ପୁଟିନ୍ ରାଷ୍ଟ୍ରପତି ହେବା ପରେ ସେ ପୁଁପତିମାନଙ୍କୁ ନିୟନ୍ତ୍ରଣକୁ ଆଣିଥିଲେ । ପୁଟିନ୍ ଏବେ ଶାସନ ସହ ପୁଂଜିକୁ ମଧ୍ୟ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଛନ୍ତି । କଥା ହେଉଛି ବିଶ୍ୱର କେତେକ ଗଣତାନ୍ତ୍ରିକ ଦେଶର ଶାସକ ରାଜନୈତିକ ଶକ୍ତିର ଉପଯୋଗ ଆର୍ଥିକ ଲାଭ ପାଇଁ କରିବାରେ ଲାଗିଛନ୍ତି ଏବଂ ଏହା ସେମାନଙ୍କୁ ଫାଶିବାଦର ନିକଟବର୍ତ୍ତୀ କରିଦେଇଛି । କୌଣସି ଗଣତାନ୍ତ୍ରିକ ଦେଶରେ ଯଦି ରାଜନୈତିକ ଶାସକ ଉତ୍ପାଦନ ତଥା ସାଧନ ର ମାଲିକାନା ଏବଂ ନିୟନ୍ତ୍ରଣକୁ ପୁଁବାଦୀଙ୍କ ହାତରେ ସମର୍ପି ଦିଅନ୍ତି, ଶ୍ରମିକ ସଂଘକୁ ଚୁପ ରହିବାକୁ ବିବଶ କରିଦିଅନ୍ତି, ଅଭିବ୍ୟକ୍ତିର ସ୍ୱାଧିନତା ଉପରେ ଅଙ୍କୁଶ ଜାରି କରନ୍ତି ଏବଂ ସାମାଜିକ ସେବାକୁ ହ୍ରାସ କରିଦିଅନ୍ତି ତେବେ ସେଠାରେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚ୍ଳିଥିଲେ ମଧ୍ୟ ତାକୁ ଫାଶିବାଦ କୁହାଯିବ । ଗଣତାନ୍ତ୍ରିକ ପଦ୍ଧତି ଶାସନ ବ୍ୟବସ୍ଥାରେ ଏସବୁ କେବେ ସମ୍ଭବ ନୁହେଁ । ପୁଂଜିବାଦର ଲକ୍ଷ ହେଉଛି ଅଧିକ ଲାଭ କରିବା । କିନ୍ତୁ ଗଣତନ୍ତ୍ରର ଉଦ୍ଦେଶ୍ୟ ସବୁ ବର୍ଗର ଲୋକଙ୍କର ସର୍ବାଙ୍ଗୀନ ବିକାଶ ସହ ଜଡ଼ିତ । ପୁଁବାଦ ବ୍ୟବସ୍ଥାରେ ଶ୍ରମିକଙ୍କ ସଂଖ୍ୟା ଓ ମଜୁରୀ ହ୍ରାସ, ଉଦ୍ୟୋଗର ସ୍ଥିତି ଖରାପ ହେଉଛି ବୋଲି ଦର୍ଶାଇବା ଏବଂ ପୁଁ ଉପରେ ଲାଗିବାକୁ ଥିବା ଟିକସ ହ୍ରାସକୁ ସମର୍ଥନ କରାଯାଇଥାଏ କିନ୍ତୁ ସମାଜବାଦୀ ଗଣତନ୍ତ୍ରରେ ଶ୍ରମିକଙ୍କ ସଂଖ୍ୟା ଓ ମଜୁରୀ ବୃଦ୍ଧି, ଉଦ୍ୟୋଗର ପରିସ୍ଥିତିକୁ ସୁଧାରିବା ଏବଂ ସାମାଜିକ ସେବାଗୁଡ଼ିକର ବିସ୍ତାର କରାଯାଇଥାଏ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ପଛୁଆ ଏବଂ ବିକାଶଶୀଳ ଦେଶଗୁଡ଼ିକର ଶାସକଙ୍କ ଆଗରେ କେମିତି ଲୋକଙ୍କର ସାମାଜିକ ଏବଂ ଆର୍ଥୀକ ଜୀବନର ବିକାଶ କରାଯିବ ସେ ସମସ୍ୟା ଦେଖାଦେଇଥିଲା । ଭାରତବର୍ଷ ସ୍ୱାଧିନ ହେବାପରେ ଦେଶର ତଥା ଜନସାଧାରଣଙ୍କର ସମାବେଶୀ ବିକାଶ ପାଇଁ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ କରାଯାଇଥିଲା । ୧୯୭୧ରେ ବଙ୍ଗଳାଦେଶ ଏକ ସ୍ୱାଧିନ ଦେଶର ମାନ୍ୟତା ପାଇବା ପରେ ସେ ଦେଶକୁ ଏକ ଗରୀବ ଓ ପଛୁଆ ଦେଶ ବୋଲି କୁହାଯାଉଥିଲା । କିନ୍ତୁ ଗ୍ରାମାଞ୍ଚଳର ବିକାଶ, ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଏବଂ ଛୋଟ ଛୋଟ ଉଦ୍ୟୋଗକୁ ସରକାରୀ ସହାୟତା କାରଣରୁ ବଙ୍ଗଳାଦେଶ ଏବେ ଆଉ ପଛୁଆ ହୋଇ ରହିନାହିଁ । ବଙ୍ଗଳାଦେଶ ଏବେ ଦୃତ ଗତିରେ ବଢୁଥିବା ଅର୍ଥବ୍ୟବସ୍ଥାରେ ପରିଣତ ହେଲାଣି । ଅନ୍ୟପକ୍ଷରେ ପାକିସ୍ତାନର ରାଜନୈତିକ ଶାସକମାନଙ୍କ ଭିତରେ ଏକାଧିକାର ଭାବନା କାରଣରୁ ପାକିସ୍ତାନ ତାର ଆର୍ଥିକ ଅବସ୍ଥାକୁ ସୁଧାରି ପାରିନାହିଁ । ପାକିସ୍ତାନରେ ପୁଁବାଦ ଏବଂ ସାମନ୍ତବାଦ ବ୍ୟବସ୍ଥା ବଢ଼ିବାରେ ଲାଗିଛି ଏବଂ ଦେଶ ଏବେ ଘରୋଇକରଣ ଜାଲରେ ଫସି ଚୀନର ନୂଆ ଉପନିବେଶ ହେବା ଦିଗରେ ଅଗ୍ରସର ହେଉଛି । ପାକିସ୍ତାନର ପୁଂଜିପତିମାନଙ୍କର ରାଜନୀତିରେ ଅଖଣ୍ଡ ପ୍ରଭାବ ରହିଛି । ସେମାନେ ଘରୋଇକରଣ ପାଇଁ ସରକାର ଉପରେ ଚ୍ପ ପକାଉଛନ୍ତି ଏପରିକି ବିକାଶର ସ୍ୱପ୍ନ ଦେଖାଇ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ଆର୍ଜେଣ୍ଟିନାରେ ରେଳବାଇକୁ ଘରୋଇକରଣ କରାଯିବା ପରେ ସେ ଦେଶର ଅର୍ଥବ୍ୟବସ୍ଥା ଏକରକମ ଭୁଷୁଡ଼ି ପଡ଼ିଥିଲା । ବିକାଶ ଓ ଉଦାରୀକରଣ ନାମରେ ସରକାର ଯେଉଁ ରେଳବାଇକୁ ଘରୋଇକରଣ କରିଥିଲେ ତାକୁ ପୁଣି ନିୟନ୍ତ୍ରଣକୁ ଆଣିବାକୁ ବାଧ ହେଲେ । କିନ୍ତୁ ଦେଶର ଆର୍ଥିକ ଅବସ୍ଥା ସେତେବେଳକୁ ଧ୍ୱସ୍ତ ହୋଇଯାଇଥିଲା । ଏସବୁ ଉଦାହରଣରୁ ସ୍ପଷ୍ଟ ଯେ ଘରୋଇକରଣ ସେ ସବୁ ଦେଶରେ ସୁଫଳ ହୋଇପାରିବ ଯେଉଁଠି ସାମାଜିକ ଏବଂ ଆର୍ଥୀକ ଅସମାନତାର ସ୍ତର ନିହାତି କମ୍ ଥିବ । ଶିକ୍ଷାର ସ୍ତର ବହୁ ଉର୍ଦ୍ଧ୍ୱରେ ଥିବ ତଥା ସେଠି ପୁଂଜିବାଦୀ ଅର୍ଥବ୍ୟବସ୍ଥା ଥିବ । ମଧ୍ୟ ଏସିଆରେ ଅଶାନ୍ତି ଲାଗିରହିଥିବାବେଳେ ଇସ୍ରାଇଲ ଭଳି ଦେଶ ନିଜର ସ୍ଥିତିକୁ ଆର୍ଥୀକ, ସାମରିକ ସ୍ତରରେ ଏଇଥିପାଇଁ ମଜଭୁତ କରିପାରିଛି ଯେ ସେଠି ରାଜନୈତିକ ଶାସକ କିଛି ଲୋକଙ୍କର ଭାଗିଦାରୀ ଅପେକ୍ଷା ସମସ୍ତଙ୍କ ଭାଗିଦାରୀକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏହାର ଫଳ ମଧ୍ୟ ସେ ଦେଶ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇପାରିଛି ଏବଂ ଏହି ଦେଶ ବିକାଶର ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି । ଅଧିକାଂଶ ବିକାଶଶୀଳ ଦେଶ ଏବଂ ଆର୍ଥିକ-ସାମାଜିକ ଅନଗ୍ରସର ଦେଶରେ ସାମାଜିକ ନ୍ୟାୟର ସ୍ଥିତି ଠିକ୍ ନାହିଁ । ଅସମାନତା ବୃଦ୍ଧି ସତ୍ତ୍ୱେ ଏସବୁ ଦେଶରେ ଘରୋଇକରଣ ପ୍ରକ୍ରିୟା କାରଣରୁ କିଛି ପୁଁପତି ସେସବୁ ଦେଶର ବଜାରକୁ ନିଜ ନିୟନ୍ତ୍ରଣକୁ ନେଇଯାଇଛନ୍ତି ଓ ଦେଶରେ ଦାରିଦ୍ର୍ୟ ବେରୋଜଗାରୀ ବଢ଼ିବାରେ ଲାଗିଛି ଯାହା ସେସବୁ ଦେଶଗୁଡ଼ିକ ପାଇଁ ବିପଦ ସୃଷ୍ଟି କରିଛି । ମେକ୍ସିକୋର ବରବାଦ ହେବାର କାରଣ ମଧ୍ୟ ଏହିଭଳି । ବିକାଶର ଦୌଡ଼ରେ ସାମିଲ ହେବାପାଇଁ ତରବରିଆ ନିଷ୍ପତ୍ତି ନେଇ ସେ ଦେଶର ଶାସକ ଦେଶକୁ ପୁଂଜିବାଦୀ ଶକ୍ତିମାନଙ୍କ ହାତରେ ଟେକିଦେଇଥିଲେ । ଫଳରେ ବଡ଼ ବଡ଼ ନିବେଶକମାନେ ସେମାନଙ୍କ ଆଧିପତ୍ୟ ବିସ୍ତାର କରିବାରେ ଲାଗିଲେ । ଭାରତ ବର୍ଷ ଭଳି ଗଣତାନ୍ତ୍ରିକ ଦେଶ ପାଇଁ ଏହିଭଳି ସ୍ଥିତି ବିପଦଜନକ ସାବ୍ୟସ୍ତ ହେବ ନିଶ୍ଚୟ । ବିକାଶ ନାମରେ ବୈଶ୍ୱିକରଣ (ଭୂମଣ୍ଡଳୀକରଣ) ଉଦାରୀକରଣ ଏବଂ ଘରୋଇକରଣ ନୀତିକୁ ପୁଁବାଦୀ ଶକ୍ତିମାନେ ଯେଭଳି ଭାବରେ ସଂଗଠିତ ତଥା ସୁ ନିୟୋଜିତ ଭାବରେ ବିଶ୍ୱ ସମୁଦାୟ ଉପରେ ଲଦିଦେଲେ ଏହାର ଅନେକ ନକାରାତ୍ମକ ପ୍ରଭାବ ଏବେ ଦେଖିବାକୁ ମିଳିଲାଣି । ଏସବୁ ମଧ୍ୟରେ ଆଉ ଗୋଟିଏ କଥା ମଧ୍ୟ ସାମନାକୁ ଆସିଛି । ତାହାହେଉଛି ଆର୍ଥୀକ ଅସମାନତା ବଢ଼ିବା କାରଣରୁ ଅନେକ ଦେଶରେ ଆଭ୍ୟନ୍ତରୀଣ ଅଶାନ୍ତି ବଢ଼ିବାରେ ଲାଗିଛି ଏପରିକି ରାଜନୈତିକ ଦଳମାନଙ୍କର ଅସ୍ତିତ୍ୱକୁ ନେଇ ସଙ୍କଟ ଦେଖାଦେବା କାରଣରୁ ଅରାଜକତା ସୃଷ୍ଟି କରୁଥିବା ଗୋଷ୍ଠୀମାନେ ଅଧିକ ସକ୍ରିୟ ହେଉଛନ୍ତି ଏବଂ ଜାତି, ଧର୍ମ ଏବଂ ଅଞ୍ଚଳବାଦକୁ ଅସ୍ତ୍ରରୂପେ ବ୍ୟବହାର କରାଯାଉଛି । ବିଶ୍ୱର ଅନେକ ଦେଶରେ ଏବେ ଆର୍ଥୀକ ଅସମାନତା କାରଣରୁ ଗୃହଯୁଦ୍ଧ ଭଳି ଅବସ୍ଥା ସୃଷ୍ଟି ହେଲାଣି । ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ବିମଳ ଜାଲାନ ତାଙ୍କ ଲିଖିତ ପୁସ୍ତକ ଦ୍ଦଇଣ୍ଡିଆସ୍ ଇକୋନୋମି ଇନ୍ ଦି ନ୍ୟୁ ମିଲେନିୟମ୍ଦ୍ଧ ରେ ଲେଖିଛନ୍ତି ଯେ ବିଶ୍ୱରେ ପୁଁବଜାରର ଏକୀକରଣ ଯୋଗୁଁ ବଜାରରେ କୁଶଳତା ଆସିଛି କିନ୍ତୁ ବିକାଶଶୀଳ ଦେଶମାନଙ୍କ ଆଗରେ ଅଧିକ ବିପଦ ଏବଂ ସେସବୁ ଦେଶମାନଙ୍କର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି । ବିଗତ କିଛି ଦଶନ୍ଧି ମଧ୍ୟରେ ବିଶ୍ୱର ଅନେକ ବିକାଶଶୀଳ ଏବଂ ଅନଗ୍ରସର ଦେଶ ସାର୍ବଜନିକ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ବିକଳ୍ପ ସମାଧାନ ଭାବେ ଉଦାରୀକରଣ ଏବଂ ଘରୋଇକରଣକୁ ଗ୍ରହଣ କରିନେଇଛନ୍ତି ଓ ଏହା ଭିତରେ ବିକାଶକୁ ଖୋଜୁଛନ୍ତି । ଏପରି କରିବା ଦ୍ୱାରା ସେମାନେ ସେମାନଙ୍କ ଦେଶର ଆଭ୍ୟନ୍ତରିଣ ସ୍ଥିତିର ଆକଳନ କରୁନାହାଁନ୍ତି ଫଳରେ ଏହାର ଭୟାବହ ପରିଣାମ ସେମାନଙ୍କୁ ଭୋଗିବାକୁ ପଡୁଛି ।

ରାମଚନ୍ଦ୍ରପୁର ରଣପୁର,
ମୋ.-୯୪୩୮୪୮୫୦୯୪

# ନାରୀ ଯାହା କରିପାରେ

ନାରୀ ସୃଷ୍ଟିର ଏକ ଅନବଦ୍ୟ ସୃଷ୍ଟି । ସମସୟ ଥିଲା, ନାରୀକୁ ଅବଳା ଦୁର୍ବଳା ବୋଲି ଆକ୍ଷେପ କରାଯାଉଥିଲା କିନ୍ତୁ ବର୍ତ୍ତମାନ ସେ ସମୟ ବଦଳିଛି । ଆଜିକାଲିର ନାରୀ କୌଣସି କ୍ଷେତ୍ରରେ ଆଉ ସମାଜରେ ପଛୁଆ ହୋଇ ରହିନାହିଁ । ଭଗବାନ୍ ଯେ କେବଳ ନାରୀକୁ ଗଢ଼ିଲାବେଳେ ସୁନ୍ଦର ଓ ମନୋରମ ରୂପ ଦେଇଛନ୍ତି ତା ନୁହେଁ, ତତସହିତ ଅଦ୍ୟମ ଶକ୍ତି, ସାହସ, ଧୌର୍ଯ୍ୟ, ସହନଶୀଳତା ଆଦି ଗୁଣରେ ବିମଣ୍ଡିତ କରିଛନ୍ତି । ଥିପାଇଁ କୁହାଯାଇଛି- 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ' ଅର୍ଥାତ୍ ସ୍ୱର୍ଗଠାରୁ ଛୁଆର ଲାଳନପାଳନ, ଶରୀରର ରୋଗ ବୈରାଗ, ପାଠଶାଠ, ବ୍ୟବହାର ଜ୍ଞାନ ସବୁ ତା' ଉପରେ ନିର୍ଭର କରେ ।

ନାରୀ ଘରର ମେରୁଦଣ୍ଡ ସଦୃଶ । ଆଜିକାଲି ଘର ସମ୍ଭାଳିବା ସହ ବାହାରେ ଚାକିରି କାର୍ଯ୍ୟ ମଧ୍ୟ ବେଶ ନିଖୁଣ ଭାବରେ ସେ ତୁଲାଇ ପାରୁଅଛି । ପ୍ରଯୁକ୍ତି ବିଜ୍ଞାନ, ଡାକ୍ତରୀ ବିଦ୍ୟା, ଅର୍ଥନୈତିକ, ରାଜନୈତିକ, କ୍ରୀଡ଼ା ଇତ୍ୟାଦି ସବୁକ୍ଷେତ୍ରରେ ଶୀର୍ଷତମ ସ୍ଥାନରେ ସେ ପହଞ୍ଚିପାରିଛି । ଉଡ଼ାନୈତିକ, କ୍ରୀଡ଼ା ଇତ୍ୟାଦି ସବୁକ୍ଷେତ୍ରରେ ଶୀର୍ଷତମ ସ୍ଥାନରେ ସେ ପହଞ୍ଚିପାରିଛି । ଉଡ଼ାଜାହାଜ ଉଡ଼େଇବାଠାରୁ ଏଭରେଷ୍ଟ ଚଢ଼ିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ପାରଦର୍ଶିତା ଲାଭ କରିଛି ଆଜିର ନାରୀ । ଏଠାରେ କହିବା ସମୀଚୀନ ଯେ, ନାରୀ ଯେତେ ଉଚ୍ଚଶିକ୍ଷିତା, ଯୋଗ୍ୟସମ୍ପନ୍ନା ହେଲେ ମଧ୍ୟ ସେ ସଂଯମତା ସବୁକ୍ଷେତ୍ରରେ ରକ୍ଷା କରିବା ଉଚିତ । ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକା ବେଶ ପରିସ୍ଫୁଟ ହୁଏ । ଇତିହାସ କହେ, ଝାନ୍ସୀର ରାଣୀ ଲକ୍ଷ୍ମୀବାଇଙ୍କ କଥା । ନିଜ ରାଜ୍ୟକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ସେ ଯୁଦ୍ଧ କରିବାକୁ ପଛାଇ ନ ଥିଲେ । ନୋବେଲ ବିଜେତା ମଦର ଟେରେସା ସେବାକ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ଭାରତର ବୁଲବୁଲ ସରୋଜିନୀ ନାଇଡୁ ମଧ୍ୟ ଦେଶ ସ୍ୱାଧୀନତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ମଧ୍ୟ ବେଶ ଖ୍ୟାତି ଅର୍ଜନ କରିଛନ୍ତି । କ୍ରୀଡ଼ାକ୍ଷେତ୍ରରେ ମଲ୍ଲଯୋଦ୍ଧାରେ ନଭଜୋତ କୌର, ବ୍ୟାଡମିଣ୍ଟନରେ ସୁନାମଧନ୍ୟା ସାଇନା ନେହ୍ୱାଲ, ଦୌଡ଼ରାଣୀ ପି.ଟି. ଉଷାଙ୍କ ସମେତ ଆମ ଓଡ଼ିଶାର ଦୂତୀ ଚାନ୍ଦ ଆମ ଦେଶର ମାନ ରଖିଜଣେ ଜଣେ ଉଦହରଣ ହୋଇଛନ୍ତି । ଆମ ଦେଶର ନାରୀମାନେ କଳାକ୍ଷେତ୍ରରେ ମଧ୍ୟ କିଛି କମ ନୁହନ୍ତି । ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରଅମ ସହ ସଙ୍ଗୀତରେ ମଧ୍ୟ ବେଶ ପ୍ରଶଂସାର ପାତ୍ରୀ ହୋଇପାରିଛନ୍ତି । ଭାରତର କୋକିଳକଣ୍ଠୀ ଲତା ମଙ୍ଗେସକରଙ୍କୁ ସାରା ବିଶ୍ୱରେ ନ ଚିହ୍ନେ ବା କିଏ ? ନନ୍ଦିନୀ ଶତପଥୀ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛନ୍ତି । କଳ୍ପନା ବଚାଓ୍ୱାଲା ଆକାଶ ପରିକ୍ରମା କରି ସାହସୀ ମହିଳାମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ଆଇଏଏସ ହୋଇ ଦେଶକୁ ସବୁକ୍ଷେତ୍ରରେ କିପରି ଅଗ୍ରଗତି କରିହେବ ସେଥିରୁ ମଧ୍ୟ ଏମାନେ ବାଦ ପଡୁନାହାନ୍ତି । ଉପରୋକ୍ତ ସମସ୍ତ ବିବିରଣୀରୁ ଏହା ସ୍ପଷ୍ଟ ହୁଏ ଯେ, ଆଜି ନାରୀ କୌଣସି କ୍ଷେତ୍ରରେ ପୁରୁଠୋରୁ ପଛୁଆ ହୋଇ ରହିନାହିଁ । ନାରୀ ହେଲା ସୃଷ୍ଟିକାରିଣୀ । ସୃଷ୍ଟିରେ ସ୍ରଷ୍ଟାଙ୍କ ସ୍ଥାନ ଯଦି ଯଥୋଚିତ ଥାଏ, ତାହେଲେ ସଂସାର ରଥ ବହୁ ଭଲରେ ଗତି କରିବ ଏବଂ ସ୍ୱୟଂ ଭଗବାନ୍ ସେ ଗୃହରେ ବାସ କରିବେ । ନାରୀ ଆଉ ଅବହେଳିତ, ନିଷ୍ପେଷିତ ହୋଇ ରହିବ ନାହିଁ ।

**ମର୍ଯ୍ୟାଦା ଯୋଗୁ ନାରୀ ମାତୃଶକ୍ତି ରୂପେ ବନ୍ଦନୀୟା ଓ ଚିରନମସ୍ୟା । ପୁରାତନ ଯୁଗରୁ ନାରୀକୁ ଅନେକ କଷ୍ଟ ସହିବାକୁ ପଡ଼ିଛି । ରାମାୟଣରେ ସୀତା, ମହାଭାରତରେ ଦ୍ରୌପଦୀଙ୍କ ଭୂମିକାରୁ ଏହା ବେଶ୍ ପରିସ୍ଫୁଟ ହୁଏ....**











# ଶୋଇବା ସମୟରେ ଗୀତ ଶୁଣୁଛନ୍ତି କି ?



ଅନେକ ଲୋକ ଅଛନ୍ତି ଯେଉଁମାନଙ୍କର ଗୀତ ଶୁଣିବା ଏକ ନିଶା । ଯଦି ଆପଣଙ୍କର ମଧ୍ୟ ଗୀତ ଶୁଣିବା ଏକ ନିଶା । ଖାସ୍‌କରି ରାତିରେ ଗୀତ ଶୁଣି ଶୁଣି ଶୋଇଯିବା ଆପଣଙ୍କର ନିତିଦିନିଆ ଅଭ୍ୟାସ, ତେବେ ଏବେଠାରୁ ସାବଧାନ ହୋଇଯାଆନ୍ତୁ । କାରଣ ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ, ରାତିରେ ଗୀତ ଶୁଣି ଶୁଣି ଶୋଇଯିବା ଶରୀର ପାଇଁ କ୍ଷତୀକାରକ । ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଗୀତ ଶୁଣିଶୁଣି ଶୋଇବା ଦ୍ୱାରା ଆମେ ସମ୍ପୂର୍ଣ୍ଣ ରୂପେ ଶୋଇପାରିନଥାଉ । କାରଣ ସେହି ସମୟରେ ଆମ ମସ୍ତିଷ୍କର କେତେକ ଅଂଶ ସତେଜ ରହିଥାଏ । ଯାହାଫଳରେ ଆମ ହୃତ୍‌ସ୍ପନ୍ଦନ ସାଧାରଣଠାରୁ ତୀବ୍ର ହୋଇଯାଇଥାଏ । ଏଣୁ ନିତିଦିନିଆ ଏପରି ଅଭ୍ୟାସ ବିଭିନ୍ନ ପ୍ରକାର ହୃଦ୍‌ସମସ୍ୟା ଉପୁଜାଇଥାଏ । ଗୀତ ଶୁଣିବା ଦ୍ୱାରା ମନ ହାଲୁକା ହୋଇଥାଏ, ଯାହାଦ୍ୱାରା ତୁରନ୍ତ ନିଦ ଆସିଯାଇଥାଏ । ଏଥିପାଇଁ ଅଧିକାଂଶ ଲୋକ ଶୋଇବା ପୂର୍ବରୁ ଗୀତ ଶୁଣିବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଆପଣଙ୍କୁ ଜାଣି ରଖିବା ଉଚିତ୍ କି, ଗୀତ ଶୁଣିବା ଦ୍ୱାରା ଶୀଘ୍ର ନିଦ ଆସିପାରେ ସତ, କିନ୍ତୁ ଗୀତ ଶୁଣି ଶୁଣି ଶୋଇବା ଆପଣଙ୍କ ନିଦ୍ରାର ଅର୍ଦ୍ଧେକ ମାତ୍ରା କମାଇ ଦେଇଥାଏ । ଯଦି ଆପଣ ଗୀତ ଶୁଣିବାରେ ଅଭ୍ୟସ୍ତ, ତେବେ ଶୋଇବା ସ୍ଥାନଠାରୁ ଦୂରରେ ଧୀର ଏବଂ ଶ୍ରୁତିମଧୁର ଗୀତ ଶୁଣିପାରିବେ ।

# ବିଚିତ୍ର ଖାଦ୍ୟ ଲୁସିଫର୍‌ସ ଫିଙ୍ଗର୍‌ସ

ସ୍ପେନ୍ ଓ ପର୍ତୁଗାଲ୍‌ରେ ଏକ ବିଚିତ୍ର ସାମୁଦ୍ରିକ ପ୍ରାଣୀକୁ ଖାଦ୍ୟ ଭାବେ ବ୍ୟବହାର କରାଯାଏ । ଏହା ଅଧିକ ପରିମାଣରେ ମିଳୁ ନଥିବାରୁ ବେଶ୍ ମୂଲ୍ୟବାନ । ଏହି ବିରଳ ସାମୁଦ୍ରିକ ପ୍ରାଣୀର ନାମ- ଲୁସିଫର୍‌ସ ଫିଙ୍ଗର୍‌ସର । ରନ୍ଧାଯାଇଥିବା ଲୁସିଫର୍‌ସ ଫିଙ୍ଗର୍‌ସର ପ୍ଲେଟ୍ ପ୍ରତି ମୂଲ୍ୟ ପ୍ରାୟ ନଅ ହଜାର ଟଙ୍କା । ଗୋଟିଏ ପ୍ଲେଟରେ ଥିବା ଖାଦ୍ୟ ଦୁଇ ଜଣଙ୍କୁ ନିଅଣ୍ଟ । ଦେଖିବାକୁ ସଂପୂର୍ଣ୍ଣ ଭିନ୍ନ ହୋଇଥିଲେ ହେଁ ଏହା କଙ୍କଡ଼ା ଜାତୀୟ ପ୍ରାଣୀ । ସ୍ୱାଦରୁ ଏହା ଆମିଷ କି ନିରାମିଷ ସହଜରେ ବାରିହୁଏ ନାହିଁ । ତେଣୁ,ଏକଦା କିରସ୍ତାନମାନେ ମାଂସ ବର୍ଜନୀୟ ଦିନରେ ଏହା ଖାଉଥିଲେ । ଏହା ସମୁଦ୍ର ଭିତରେ ଗଛରେ ଫଳୁଥିବା ବିଶ୍ୱାସ କରାଯାଉଥିଲା । ଦକ୍ଷିଣ-ପଶ୍ଚିମ ପର୍ତୁଗାଲ୍‌ର ସମୁଦ୍ରରେ ଏହା ମିଳେ । ଲୁସିଫର୍‌ସ ଫିଙ୍ଗର୍‌ସ ସାଧାରଣତଃ ସମୁଦ୍ର ଜଳରେ ବୁଡ଼ିରହିଥିବା ପଥରରେ ଲାଖିଥିବା ଅବସ୍ଥାରେ ମିଳେ । ଏ ଗୁଡ଼ିକୁ ସଂଗ୍ରହ କରିବା ବିପଦପୂର୍ଣ୍ଣ । ଅସତର୍କ ହେଲେ, ପଥରରେ ପିଟିହୋଇ ଜୀବନ ଯିବାର ଆଶଙ୍କା ଥାଏ ।



# କରୋନା କଟକଣାରେ ମନ୍ଦିର ଖୋଲିବା ପ୍ରସଙ୍ଗ : ଦାବୀପୂରଣ ନହେଲେ ବିଧାନସଭା ଆଗରେ ଧାରଣା ଦେବେ ସେବାୟତ

ବାରିପଦା,୧୧।୧୧ (ନି.ପ୍ର): କରୋନା କଟକଣା ନିୟମ ମ୍ନରେ ମନ୍ଦିର ଓ ଧର୍ମାନୁଷ୍ଠାନ ମାନ ଖୋଲିବା ସହ ୫ଦଫା ଦାବି ନେଇ ରାଜ୍ୟ ସେବାୟତ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଦାବିପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି। ଗତ ୯ତାରିଖ ଦ୍ୱିତୀୟ ଶ୍ରୀ କ୍ଷେତ୍ର ବାରିପଦା ସ୍ଥିତ ଜଗନ୍ନାଥ ମନ୍ଦିର ସମୁଖରେ ଦାବି ଉପସ୍ଥାପନ କରିବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟ ଏହି ଦାବିପତ୍ର ପ୍ରେରଣ କରିଛନ୍ତି ସେବାୟତ ମାନେ। ପାଂଚ ଦଫା ଦାବି ଅନୁଯାୟୀ, ସମସ୍ତ ମନ୍ଦିର ଗୁଡିକର ସୁବ୍ୟବସ୍ଥିତ କରାଯିବା, କରୋନା କଟକଣା ନିୟମ ମ୍ନରେ ମନ୍ଦିର ଓ ଧର୍ମାନୁଷ୍ଠାନ ମାନ ଖୋଲିବା ସହ ସେବାୟତ ମାନଙ୍କୁ ଆଠ ମାସର କରୋନା ଜନିତ ସାହାର୍ଯ୍ୟ ପ୍ରଦାନ କରାଯିବା, ସେବାୟତ ମାନଙ୍କ ଜୀବନ ବୀମା କରାଯିବା, ସମସ୍ତ ସେବାୟତଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ସହ ସମସ୍ତଙ୍କ ମାସିକ ଭତ୍ତାର ବ୍ୟବସ୍ଥା କରାଯିବା। ଦାବି ଗୁଡିକ ପୂରଣ ନହେଲେ ଆଗାମି ନଭେମ୍ବର ୧୧ତାରିଖ ବୁଧୁବାର ଠାରୁ ଓଡ଼ିଶାର ପ୍ରତ୍ୟେକ ମନ୍ଦିରର ସେବାୟତମାନେ ନିଜ ଅଂଚଳର ମନ୍ଦିର ସମ୍ମୁଖରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୯ ଘଟିକା ଠାରୁ ୯ମିନିଟ ପର୍ଯ୍ୟନ୍ତ ଘଂଟ ଘଂଟା ବଜାଇ ସରକାରଙ୍କ ବିରୁଦ୍ଧରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଥି ସହିତ ଆଗାମୀ ନଭେମ୍ବର ୨୦ ତାରିଖରୁ ହେବାକୁ ଥିବା ବିଧାନସଭା ଅଧିବେଶନରେ ୧୦୦ ଜଣ ସେବାୟତ କୋଭିଡ କଟକଣା ପାଳନ ପୂର୍ବକ ପ୍ରତିବାଦ କରିବା ସହ ଧାରଣା ଦେବେ ବୋଲି ଆଜି ବାରିପଦା ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ। ବିଶ୍ୱମହାମାରୀ କରୋନା ପାଇଁ ଗତ ମାର୍ଚ୍ଚମାସ ଠାରୁ ଧର୍ମାନୁଷ୍ଠାନ ଗୁଡ଼ିକରେ ଭକ୍ତଙ୍କ ପ୍ରବେଶ ନିଷେଧ କରାଯାଇଅଛି। ସବୁଠି ଧର୍ମାନୁଷ୍ଠାନ ଖୋଲାଯାଇଥିବା ବେଳେ ଆମ୍ଭ ରାଜ୍ୟରେ ଏପର୍ଯ୍ୟନ୍ତ ବନ୍ଦ ରହିଅଛି। ବିଭିନ୍ନ କାର୍ଯ୍ୟକ୍ରମ ସହ ପର୍ଯ୍ୟଟନ ସ୍ଥଳ ଓ ପର୍ଯ୍ୟଟକଙ୍କ ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିର ଖୋଲିଛନ୍ତି ଏବଂ ଲକଡାଉନ ସାପ୍ତାହିକ ସଟ ଡାଉନ ଏବଂ ରାତ୍ରୀକାଳିନ କର୍ଫ୍ୟୁ ଉଠିଯାଇଥିଲେ ମ୍ନ ସରକାର ଧର୍ମାନୁଷ୍ଠାନ ମନ୍ଦିର ମାନ ଖୋଲିନାହାନ୍ତି। ମନ୍ଦିରରୁ ସେବାୟତମାନେ ଯଜମାନଙ୍କ ମଙ୍ଗଳକାମନା ପୂଜା କରି ଯାହା ଦାନ ଦକ୍ଷିଣା ମିଳିଥାଏ ସେହି ଅର୍ଥ ସହାୟତାରେ ସେବାୟତମାନେ ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ଏବେ ତାହା ମିଳିପାରୁନାହିଁ। ଏଣୁ ସେବାୟତ ମାନେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ପୁନଃବିଚାର କରି କୋରନା ନିୟମ ମ୍ନରେ ମନ୍ଦିର ଧର୍ମାନୁଷ୍ଠାନମାନ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଓଡିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ କୁହାଯାଇଛି।



## ନୂତନ ଥାନାଧିକାରୀଙ୍କ ଯୋଗଦାନ

କୋରେଇ,୧୧।୧୧ (ନି.ପ୍ର): ପାଣିକୋଇଲି ଥାନାରେ ଆଜି ନୂତନ ଥାନାଧିକାରୀ ଭାବେ ଚକ୍ରପତି କଅଁର ଯୋଗଦାନ କରିଛନ୍ତି। ଫଳରେ ଇନ୍ସପେକ୍ଟର ସସ୍ମିତା ସାହୁଙ୍କୁ ପୁନର୍ବାର ହେଡକ୍ୱାଟରକୁ ବଦଳି କରାଯାଇଥିବା ବେଳେ ହେଡକ୍ୱାଟରରୁ ଚକ୍ରପତି କଅଁରଙ୍କୁ ଅସ୍ଥାୟୀଭାବେ ପାଣିକୋଇଲି ଥାନାଧିକାରୀଭାବେ ଦାୟିତ୍ୱ ଏସପି ଚରଣ ସିଂହ ମୀନାଙ୍କ ପକ୍ଷରୁ ଦିଆଯାଇଛି। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ କଅଁର ଆଜି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପରବର୍ତ୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ଉଭୟେ ବଦଳି କରାଯାଇଥିବା ସ୍ଥାନରେ କାର୍ଯ୍ୟ କରିବେ।

# ଦୁଇ ପଥର ବୋଝେଇ ମିନିଟ୍ରକ୍ ଜବତ : ୨ କୋର୍ଟଚାଲାଣ

କଣାସ,୧୧।୧୧ (ନି.ପ୍ର): ପୁରୀ ଜିଲ୍ଲା କଣାସ ଥାନା ଆଇ.ଆଇ.ସି ତପନ ରାଉତ ଆଜି ଦୁଇଟି ପଥର ବୋଝେଇ ମିନିଟ୍ରକ୍‌କୁ ଜବତ କରିବା ସହିତ କଣାସ ଥାନା କେସ୍ ନଂ ୧୮୯/୨୦ରେ ଏକ ମୋକଦ୍ଦମା ରୁଜ୍ଜୁ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ, କଣାସ ବ୍ଲକ ଅଂଚଳରେ ଥିବା ପଥରଖଣି ଓ ନଦୀବାଲିକୁ ନିଲାମ ନ ନେଇ ମାଫିଆମାନେ ଚୋରାରେ ପଥରକାଟି ଓ ବାଲି ଟ୍ରକ୍ ଯୋଗେ ଚାଲଣ କରୁଥିବାରୁ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ଘଟୁଛି । ଯାହାକୁ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ଏବଂ କଣାସ ଥାନା ଆଇ.ଆଇ.ସି ତପନ ରାଉତ ଚୋରା ଚାଲାଣ ହେଉଥିବା ବାଲି ଓ ପଥର ଗାଡିକୁ ଜବତ କରୁଛନ୍ତି । କଣାସ ତହସିଲଦାର ଶ୍ରୀ ମହାରଣା ଓ ଥାନା ଅଧିକାରୀ ଶ୍ରୀ ରାଉତ ମିଳିତ ଭାବେ ୧୫ ଦିନ ହେଲା ବିଭିନ୍ନ ରାସ୍ତାରେ ଯାଉଥିବା ପଥର ଓ ବାଲିବୋଝେଇ ୧୬ଟି ଚୋରାଗାଡିକୁ ଜବତ କରିବା ସହିତ ୨୨ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଥିବା କଣାସ ଥାନା ଅଧିକାରୀ ଶ୍ରୀ ରାଉତଙ୍କ ସୂତ୍ରରୁ ପ୍ରକାଶ ।

# ଏନଏସିରେ ସ୍ୱଚ୍ଛ ସର୍ବେକ୍ଷଣ ତାଲିମ ଶିବିର

ନୂଆପଡା,୧୧।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦରେ ସ୍ୱଚ୍ଛ ସର୍ବେକ୍ଷଣ ତାଲିମ ଶିବିର-୨୦୨୧ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଦକ୍ଷତା ବୃଦ୍ଧି ନିମନ୍ତେ ସହରକୁ କିପରି ସଭାସୁତୁରା ରଖିବା, ସହରରେ ବାହାରୁଥିବା ବର୍ଜ୍ୟବସ୍ତୁକୁ କିପରି ଏମଏମସି ପ୍ଲାଂଟକୁ ପହଂଚାଇ ଜୈବିକ ସାର ତିଆରିରେ ଉପଯୋଗ କରିବା ସୁପରିଚାଳନା କରିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏନଏସିର ଗୋଷ୍ଠୀ ସଙ୍ଗଠିକା କର୍ମକର୍ତ୍ତା ସଂଯୁକ୍ତା ପଣ୍ଡା, ମଧୁସ୍ମିତା ମିଶ୍ର, ସେନିଟାଇଜନ ବିଶେଷଜ୍ଞ ରାଜୀବ ମିଶ୍ର, ସ୍ୱଚ୍ଛସାଥି ସୁପରଭାଇଜର ମମତା ମଞ୍ଜରୀ ଥପା, ଗଣେଷ ଭୋଇ, ନାକ ଭୋଇ, ପ୍ରମୋଦ ଠାକୁର, ସୋମେଶ ପାତ୍ର, ଧିରେନ ସିନ୍ଦୁର, ଲକ୍ଷ୍ମୀ କାନ୍ତ ପ୍ରମୁଖଙ୍କ ସମେତ ଏନଏସିର ସମସ୍ତ ୱାର୍ଡରୁ ସ୍ୱଚ୍ଛସାଥି ମହିଳା ମାନେ ଯୋଗଦାନ କରିଥିଲେ ।

# କାଳୀପୂଜା ପାଇଁ ପ୍ରଶାସନର କଟକଣା ଜାରି, ବାଣ ଫୁଟିଲେ କଡା କାର୍ଯ୍ୟାନୁଷ୍ଠାନ

ଭଦ୍ରକ, ୧୧/୧୧ (ହି.ସ.) - ଚଳିତ ବର୍ଷ କାଳୀପୂଜା କୋବିଡ୍ କଟକଣା ମଧ୍ୟରେ ପାଳନ କରାଯିବ। ମଣ୍ଡପରେ କେବେଳ ରୀତିନୀତି ଅନୁଯାୟ ପୂଜା ହେବ। ସେଠାକୁ ଭକ୍ତମାନଙ୍କ ଯିବାକୁ ବାରଣ କରାଯାଇଛି। ବ୍ରାହ୍ମଣ ଓ କର୍ତାଙ୍କୁ ମିଶାଇ ମୋଟ ୭ଜଣ ମଧ୍ୟରେ ସୀମିତ ରହି ପୂଜା କର୍ମ କରିବେ। ମଣ୍ଡପର ୩ ପାର୍ଶ୍ୱକୁ ସମ୍ପୂର୍ଣ୍ଣ ଘୋଡାଇ ରଖାଯିବା ସହିତ କେବଳ ସମ୍ମୁଖ ଭାଗ କନା ଦ୍ୱାରା ଆବଦ୍ଧ କରାଯାଇ ରଖାଯିବ। କୌଣସି ଆଡମ୍ବର କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ। ମୂର୍ତିର ଉଚ୍ଚତା ୪ ଫୁଟରେ ସୀମିତ ରହିବ। ସେହିଭଳି ସମ୍ପୂର୍ଣ୍ଣ କୋବିଡ୍ କଟକଣାରେ ପାଳିତ ହେବାକୁ ଥିବା ଏହି ଦୀପାବଳୀରେ ବାଣ ବିକ୍ରି ଓ ବାଣ ଫୁଟାଇବା ଉପରେ କଡା କଟକଣା ଜାରି କରାଯାଇଛି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର ମଧ୍ୟ ଜାରି ରହିଛି। ବାଣ ବିକ୍ରି କଲେ କିମ୍ବା ଫୁଟାଇଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସଚେତନତା କରାଯାଉଛି। ଏଡି ନିର୍ଦ୍ଦେଶନାମା ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବଳବତର ରହିବ। ଅନ୍ୟପକ୍ଷରେ ନିଜେ ସତର୍କ ରହିବା ସହିତ ଅନ୍ୟମାନଙ୍କ ସତର୍କ କରାଇବାକୁ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଥି ନିମନ୍ତେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କଡା ନଜର ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଲୋକେ ଏହାକୁ ଅମାନ୍ୟ କଲେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି।

# ଉଚିତ୍ ସମୟରେ ରାଜସ୍ୱ ବିଭାଗରୁ ହିତାଧୀକାରୀ ଲାଭ ପାଇବା ଆବଶ୍ୟକ : ଜିଲ୍ଲାପାଳ

ଗଂଜାମ,୧୧।୧୧ (ନି.ପ୍ର): ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଭିଡିଓ କନଫେରନ୍ସି ଜରିଆରେ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର,ବ୍ରହ୍ମପୁର ଓ ଭଞ୍ଜନଗର ଉପଖଣ୍ଡର ସମୀକ୍ଷା କରିବା ଅବସରରେ ଜିଲ୍ଲାପାଳ ଜଣାଇଥିଲେ ଯେ,ରାଜ୍ୟରେ ଜଣେ ମଧ ପରିବାର ଜମି ବିହୀନ ଯେପରି ରହିବେ ନାହିଁ ସେଥୀ ସକାଶେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଛନ୍ତି । ଏଣୁ କରି ଜିଲ୍ଲାରେ ଜଣେ ମଧ ପରିବାର ଯେପରି ଜମି ବିହୀନ ରହିବେ ନାହିଁ ସେ ଦିଗରେ ସୁନିର୍ଶ୍ଚିତ କରାଇବାକୁ କୁହାଯାଇଛି । ବସୁନ୍ଧରା ଯୋଜନାରେ ଆବେଦନ କରିଥିବା ହିତାଧିକାରି ମାନଙ୍କର ଆବେଦନ ପତ୍ର ଉପରେ କରାଯାଇଥିବା ଅଗ୍ରାହ୍ୟର କାରଣ ଗୁଡି ଦର୍ଶାଇବେ । ରାଜସ୍ୱ ବିଭାଗର ଅଧିନରେ ହିତାଧିକାରୀ ମାନଙ୍କୁ ଦିଆଯାଉଥିବା ସୁବିଧା ଗୁଡିକ ନିର୍ଦ୍ଧାରିତ ସମୟ ସୀମା ମଧରେ ଶେଷ କରିବା ଦିଗରେ ଗୁରୁତ୍ୱ ଦେବାକୁ ଜଣାଇଥିଲେ । କାନୁନୀ ଉତରାଧିକାରୀ (ଲିଗାଲ ହେୟର) ପ୍ରମାଣ ପତ୍ର ସକାଶେ ଆବଶ୍ୟକ ପଡୁଥିବା ତଥ୍ୟ ଗୁଡିକ ପୂର୍ବ ପ୍ରସ୍ତୁତ କରି ରାଜସ୍ୱ ନିରୀକ୍ଷକ ଗଣ ସଜାଗ ହୋଇ ରଖିବେ ତେବେ ପ୍ରମାଣ ପତ୍ର ପ୍ରଦାନ ସମୟରେ ହେଉଥିବା ଅହେତୁକ ବିଳମ୍ବକୁ ରୋକିପାରିବେ,ଆବେଦନକାରୀ ଗଣ ଠିକ୍ ସମୟରେ ପ୍ରମାଣ ପତ୍ର ପାଇ ଖୁସି ପ୍ରକାଶ କରିବେ । "ମୋ ଗାଁରେ ତହସିଲ" କାର୍ଯ୍ୟରେ ତହସିଲ କାର୍ଯ୍ୟାଳୟର ଅଧୀନସ୍ଥ କର୍ମଠ/କ୍ରିୟାଶୀଳ ହୋଇ କାର୍ଯ୍ୟ କଲେ ତହସିଲ ର ସୁନାମ ବଢିବ ବୋଲି ଜିଲ୍ଲାପାଳ ଅବଗତ କରାଇଥିଲେ । ଜିଲ୍ଲାରେ ପର୍ଯ୍ୟଟନ ର ବିକାଶ ଦିଗରେ ପଟ୍ଟା ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲେ ଅବହେଳିତ ହୋଇ ରହିଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ ହେବ,ଏଣୁ ଏ ଦିଗରେ ବିଳମ୍ବ ନ କରିବାକୁ ସମସ୍ତ ତହସିଲଦାର ଓ ବିଡିଓ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଅନୁଷ୍ଠାନ ସକାଶେ ସରକାରି ଜମିକୁ ପ୍ରାଥମିକତା ଭିତିରେ ନିର୍ଦ୍ଧାରିତ ସମୟସୀମା ମଧରେ ପଟ୍ଟା ପ୍ରଦାନ ଦିଗରେ ଗୁରୁତ୍ୱ ଦିଅନ୍ତୁ । ଜାତୀୟ ରାଜପଥ ଓ ଅନ୍ୟ ରାସ୍ତା ପାର୍ଶ୍ୱରେ ନିର୍ମାଣ ହେଉଥିବା କିମ୍ବା ଉନ୍ନତିକରଣ ହେଉଥିବା କାର୍ଯ୍ୟ ଗୁଡିକ ନିମନ୍ତେ ଜମିର ସ୍ଥିତି ଓ ସେଥୀ ସକାଶେ ବ୍ୟବହୃତ ହେଉଥିବା ସୌରାତ ସାମଗ୍ରୀ ର ତଥ୍ୟ ସଂପର୍କରେ ମଧ ତଦନ୍ତ କରିବାକୁ କୁହାଯାଇଛି । ବେଆଇନ୍ ଭାବେ ମରମ, ମାଟି, ପଥର, ବାଲି, ଗୋଡି ବୋଝେଇ ଟ୍ରକ ଓ ଟ୍ରାକ୍ଟର ଗୁଡିକ ଧରପଗଡ କରି ନିର୍ଦ୍ଧାରିତ କର ଆଦାୟ କରିବା ନେଇ କୁହାଯାଇଛି, ବିଶେଷ କରି ରାତ୍ରି ସମୟରେ ଧରପଗଡ କରିବାକୁ ଜୋର ଦିଆଯାଇଛି । ସରକାରୀ ଜମିରେ ରହିଥିବା ସୌରାଜ ଗୁଡିକରୁ ଅଧିକ ପରିମାଣର ଚୋରୀ ହୋଇଛି । ଏହାକୁ ରୋକିବା ସକାଶେ ଅଧିକ ନଜର ଦେବାକୁ ଜିଲ୍ଲାପାଳ ଅବଗତ କରାଇଥିଲେ । ରାଜସ୍ୱ ବିଭାଗର ମୁଖ୍ୟ ଓ ପ୍ରଧାନ କାର୍ଯ୍ୟ - ରାଜସ୍ୱ ଆଦାୟ । ଏ ଦିଗରେ ଅବହେଳା ନ କରିବାକୁ ପରାମର୍ଶ ଦିଆଯାଇଛି । ଉତରାଧିକାରୀ ଅନୁଦାନ (ଏକ୍ସଗାରେସିଆ) କେଶ୍ ଗୁଡିକର ଫଇସଲା ଶୀଘ୍ର ଶେଷ କରିବାକୁ ଜଣାଇଥିଲେ । ଗ୍ରାମକଣ୍ଠ,ଦାଖଲ ଖାରଜ, ବକେୟା ବନ୍ଦୋବସ୍ତ ମକଦ୍ଦମା ଗୁଡିକର ଫଇସଲା କରି ପଟ୍ଟା ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତି କରିବାକୁ କହିଥିଲେ । ସରକାରୀ ଜମିର ସୁରକ୍ଷା ଦିଗରେ ନିଆଯାଉଥିବା ପଦକ୍ଷେପ ନିମନ୍ତେ ଯେଉଁ ସବୁ ବିଭାଗକୁ ଅର୍ଥ ପ୍ରଦାନ କରାଯାଇଛି ସେହି କାର୍ଯ୍ୟ ଗୁଡିକ ଶୀଘ୍ର ସମାଧାନ କରିବାକୁ କହି,କେଉଁ କାରଣ ଯୋଗୁଁ ବିଳମ୍ବ ହେଉଛି ତାହା ଉପଜିଲ୍ଲାପାଳଙ୍କ ସ୍ତରରେ ଆଲୋଚନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ତହସିଲର ଯାହା ସବୁ ବିଚାରାଧୀନ ରହିଛି ସେସବୁ ଆସନ୍ତା ରାଜସ୍ୱ ବୈଠକ ପୂର୍ବରୁ ଶେଷ କରିବାକୁ କୁହାଯାଇଛି । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅମିୟ କୁମାର ସାହୁ ସମସ୍ତ ଆଲୋଚ୍ୟ ବିଷୟ ଗୁପିକ ଉପସ୍ଥାପନ କରି ସମାଧାନ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ବ୍ରହ୍ମପୁର ଉପଜିଲ୍ଲାପାଳ ୱ, କୀର୍ତା ୱାସନ, ଛତ୍ରପୁର ଉପଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନର ଉପଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ରାଜସ୍ୱ ଅଧୀକାରୀ ବିଜୟାନନ୍ଦ ସେଠୀ, ଡେପୁଟି କଲେକ୍ଟର ତଥା ଜରୁରୀ କାଳୀନ ଅଧିକାରୀ ଡଃ ଦିବ୍ୟ ଲୋଚନ ମହାନ୍ତ,ଡେପୁଟି କଲେକ୍ଟର ସରୋଜ ପାତ୍ର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ପ୍ରମୂଖ ଉପସ୍ଥିତ ଥିଲେ ।

# ପ୍ରବଳ ଶୀତ ଅନୁଭୂତ, ଗ୍ରାମାଂଚଳର ଲୋକେ ନିଆଁ ଜାଳି ପୋଉଛନ୍ତି

ନୂଆପଡା,୧୧।୧୧ (ନି.ପ୍ର): ନୂଆପଡା ଜିଲ୍ଲାରେ ପ୍ରବଳ ଶୀତ ଲହରୀ ଜାରୀ ରହିଥିବା ବେଳେ ସାଧାରଣ ଜୀବନଯାତ୍ରାରେ ବ୍ୟାହତ ଦେଖାଦେଇଛି । ପ୍ରବଳ ଶୀଳ ଅନୁଭୂତ ହେଉଥିବାରୁ ଲୋକେ ଶୀତରୁ ଆଶ୍ୱସ୍ତି ପାଇବା ବଦଳରେ ଅଧିକ ପ୍ରଭାବିତ ହେଉଛନ୍ତି। ଗତ ୫ ଦିନରୁ ଅଧିକ ହେବ ପ୍ରବଳ ଶୀତ ଅନୁଭୂତ ହେଉଥିବା ବେଳେ ଆଉ ଶୀତ ଦିନକୁ ଦିନ ବଢିବ ବୋଲି ଜଣାପଡିଛି। ଫଳରେ ତାପମାତ୍ରା ମଧ୍ୟ କମ ରହି ସକାଳ ସମୟରେ କୁହୁଡି ଦେଖାଯାଉଛି। ପ୍ରତିଦିନ ସକାଳ ସମୟରେ ଘନକୁହୁଡି ଦେଖାଯାଉଛି। ଜିଲ୍ଲାରେ ପାର୍ବତ୍ୟାଂଚଳ ମାନଙ୍କରେ ଏହି ତାପମାତ୍ରା ବହୁତ କମ ରହୁଛି। ଫଳରେ ସାଧାରଣ ଜୀବନଯାତ୍ରାରେ ବ୍ୟାଘାତ ଦେଖାଦେଇଛି। ସହରାଂଚଳ ଅପେକ୍ଷା ଗ୍ରାମାଂଚଳରେ ଶୀତର ପ୍ରକୋପ ବିଶେଷ ରୂପେ ଅଧିକ ଅନୁଭବ ହେଉଥିବା ବେଳେ ସନ୍ଧ୍ୟା ସମୟରୁ ଗ୍ରାମାଂଚଳରେ ଥଣ୍ଡା ପବନ ବୋହୁଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଗ୍ରାମାଂଚଳର ଲୋକେ ନିଆଁ ଲଗାଇ ତାପୁଥିବା ବେଳେ ଗରମ ପୋଷାକ ପିନ୍ଧି ରହିଥିବା ଦେଖିବାକୁ ମିଳୁଛି । ବିଶେଷ କରି ଶୀତ ପ୍ରକୋପ ଯୋଗୁଁ ଗରିବ ବୃଦ୍ଧ ବୃଦ୍ଧା ଏବଂ ଅସହାୟ ଲୋକେ ପ୍ରଭାବିତ ହେଉଥିବା ବେଳେ ନବଯାତ ଶିଶୁମାନଙ୍କ ଯତ୍ନ ନେବାର ଆବଶ୍ୟକତା ରହିଛି।

# ବସଷ୍ଟାଣ୍ଡକୁ ଯିବା ରାସ୍ତା ଶୋଚନୀୟ

ନୂଆପଡା,୧୧।୧୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବସଷ୍ଟାଣ୍ଡ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଫଳରେ ଯାତାୟତରେ ବ୍ୟାଘାତ ଦେଖାଦେଉଛି । ଖଡିଆଳ ବ୍ଲକ ଛକରୁ ହାରାହାରୀ ୩ ଶହ ମିଟର ରାସ୍ତା ଦୀର୍ଘ ବର୍ଷରୁ ମରାମତୀ କରାଯାଇପାରିନାହିଁ । ରାସ୍ତା ସାରା ଖାଲଖମା ସୃଷ୍ଟି ହୋଇଥିବା ବେଳେ ଗେଟି ସବୁ ବାହାରି ପଡିଛି । ରାସ୍ତା ମରାମତୀ ଦେଇ ଖଡିଆଳ ବସ ମାଲିକ ସଂଘ ସହ ଅସ୍ଥାୟୀ ଦୋକାନୀ ସଂଘ ଦାବୀ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନଥିବା ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତୀ କରିବାକୁ ସାଧାରଣରେ ଦାବୀ ହେଉଛି ।

## କୁମାର କବିଙ୍କ ପତ୍ନୀ ବିୟୋଗ

ପୁରୀ,୧୧।୧୧ (ନି.ପ୍ର): କୁମାର କବି ଅରକ୍ଷିତ ପ୍ରଧାନଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଆଜି ସକାଳେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୭୦ ବର୍ଷ ହୋଇଥିଲା । ମସ୍ତିସ୍କ ପ୍ରଦାହ ଯୋଗୁଁ ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ଭୁବନେଶ୍ୱରର ସ୍ଥିତ ଏକ ଘରୋଇ ହସ୍ପିଟାଲରେ କୋମାରେ ପଡିବା ପରେ ଆଜି ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ଘଟିଛି । ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ହାସିନପୁର ଗ୍ରାମ ମଶାଣିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ଏକମାତ୍ର ପୁତ୍ର ଆଲୋକ କୁମାର ପ୍ରଧାନ ମୁଖାଗ୍ନି ଦେଇଥିଲେ । କୁମାର କବି ଫାଉଣ୍ଡେସନ, ଯୁଗଜ୍ୟୋତି ସାହିତ୍ୟ ସଂସଦ, ମାଣିକ ପାଟଣା ସାଂସ୍କୃତିକ ପରିଷଦ ପକ୍ଷରୁ ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ଅମର ଆତ୍ମାର ସଦଗତି କାମନା କରାଯାଇଛି ।

# ସମାଜସେବୀ ଶରତ ରାଉତଙ୍କ ସ୍ମୃତିଚାରଣ ସଭା

ଭଦ୍ରକ, ୧୧/୧୧ (ହି.ସ.) - ଧାମନଗର ଅଂଚଳର ଜଣେ ସୁସଂଗଠକ, ସମାଜସେବୀ, ସାମ୍ବାଦିକ, ଧାମନଗର କାନ୍ତ ସାହିତ୍ୟ ପରିଷଦର ଉପସଭାପତି ତଥା ବାମପନ୍ଥୀ ଚିନ୍ତାଧାରାର ବ୍ୟକ୍ତି ଶରତ କୁମାର ରାଉତଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସଭା ଆଜି ଧାମନଗର କାନ୍ତ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଧାମନଗର ବାଳିକା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସଂପାଦକ ଶଚୀକାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲା ପରିଷଦ ସଭ୍ୟ ସୁରଥ ସେଠୀ, ପରିଷଦର ସଭ୍ୟ ମହେଶ୍ୱର ସ୍ୱାଇଁ, ବାସୁଦେବ ତ୍ରିପାଠୀ, ଅନିଲ କୁମାର ବାରିକ, ପ୍ରଦୀପ କୁମାର ମହାପାତ୍ର, ନିରାକାର ଧଳ, ପଦ୍ମଲାଭ ତ୍ରିପାଠୀ, ଭାବଗ୍ରାହୀ ଖୁଟିଂଆ, ନିରାକାର ରାଉତ, ହେମେନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ରାଉତ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତି ଚାରଣ କରିଥିଲେ । ସେହିପରି ମହତାବ ସେବା ସଦନ ପରିସରରେ ସ୍ୱର୍ଗତ ରାଉତଙ୍କ ସ୍ମୃତି ଚାରଣ କରାଯାଇଥିଲା । ଏଥିରେ ବାସୁଦେବ ତ୍ରିପାଠୀ, ବୀରେନ୍ଦ୍ର ଜେନା, ସୁରଥ ସେଠୀ, କୌଳାସ ଗୁପ୍ତା, ସୁଧାକର ଦାସଙ୍କ ସମେତ ଅନ୍ୟମାନେ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ରାଉତଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରସଙ୍ଗ: ରାଜସ୍ୱ ମନ୍ତ୍ରୀଙ୍କ ସହ ମୟୂରଭଞ୍ଜ ପ୍ରାଥମିକ ଶିକ୍ଷକ ସଂଘ(ଏନପିଏସ)ର ଆଲୋଚନା

ବାରିପଦା,୧୧।୧୧ (ନି.ପ୍ର): ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ପ୍ରସଙ୍ଗକୁ ନେଇ ମୟୂରଭଞ୍ଜ ପ୍ରାଥମିକ ଶିକ୍ଷକ ସଂଘ(ଏନପିଏସ)ର ଏକ ପ୍ରତିନିଧି ମଣ୍ଡଳୀ ଆଜି ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାଣ୍ଡିଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଆଲୋଚନା କରିଥିଲେ । ମନ୍ତ୍ରୀ ଶ୍ରୀମାର୍ଣ୍ଡି ଶିକ୍ଷକ ସଂଘର କର୍ମକର୍ତାମାନଙ୍କ ନିକଟରୁ ୪ଶହ ୨୩ ଜଣ ଶିକ୍ଷକ ପଂଚମ ବର୍ଗରୁ ୪ର୍ଥ ବର୍ଗକୁ ପଦୋନ୍ନତି ପାଇବା ଏବଂ ସେମାନଙ୍କ ସ୍ଥାନରେ 'ଏ'ରୁ 'ବି'କୁ ସମାନ ସଂଖ୍ୟକ ଶିକ୍ଷକମାନଙ୍କୁ ନିଯୁକ୍ତି ନେଇ ସମ୍ମୁଖୀନ ହୋଇଥିବା ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଡ଼ାକି ଶିକ୍ଷକମାନଙ୍କର ପଦୋନ୍ନତି କିପରି ଶୀଘ୍ର ହୋଇ ପାରିବ ସେ ସମ୍ପର୍କରେ ଆଲୋଚନା କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହାପରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଭବନରେ ଜିଲ୍ଲା ସଂଘର କର୍ମକର୍ତା ଓ ଜିଲ୍ଲାର ୨୬ଟି ବ୍ଲକର କର୍ମକର୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ପଦୋନ୍ନତିରେ ବିଳମ୍ବକୁ ନେଇ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ । ଏଥି ସହିତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି ପ୍ରକ୍ରିୟା ଆସନ୍ତା ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ କରାଇ ନ ପାରିଲେ ସଂଘ ଗଣଧାରଣା ଓ ଅନଶନରେ ବସିବାକୁ ବାଧ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଆଜିର ଏହି ବୈଠକରେ ସଂଘର ସଭାପତି ହରେକୃଷ୍ଣ ବାରିକ, ସମ୍ପାଦକ ରାଜେନ୍ଦ୍ର ମହାନ୍ତ, କୋଷାଧକ୍ଷ ଗୌରଗୋପାଳ ଲେଙ୍କା, ରାଜ୍ୟ କର୍ମକର୍ତା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ ଓ ଭବେଶ ପାଣିଗ୍ରାହୀ, ଗଦାଧର ନାୟକ, ପ୍ରଦୀପ କୁମାର ନାଥ, ଧୀରେନ୍ଦ୍ର ଭଞ୍ଜଦେଓ, ଅଜୟ କୁମାର ବାରିକ, ଶିବ ନାରାୟଣ ମହାନ୍ତ, ସିଦ୍ଧେଶ୍ୱର ମିଶ୍ର, ବ୍ୟୋମକେଶ ଦତ, ଅନୀଲ କୁମାର ମହାନ୍ତ, ପୁରୁଷୋତମ ମହାନ୍ତ, ଶରତ କୁମାର ମହାନ୍ତ, ଅଜୟ କୁମାର ମହାନ୍ତ, ସୂର୍ଯ୍ୟ ସେଠୀ, ଭଗିରଥ ପରିଡ଼ା, ଚିରଞ୍ଜିବୀ ବେହେରା, ସୁଧାଂଶୁ ଦାସ, ଅଜିତ ଭଞ୍ଜଦେଓ, ସପନ କୁମାର ବେହେରା, ସଂଘର ଉପଦେଷ୍ଟା ଯାମିନୀକାନ୍ତ ପଣ୍ଡା ଓ ଶ୍ୟାମଳ ମହାନ୍ତି ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# କନ୍ଧମାଳରେ ବଢୁଛି ଶୀତ ଦୁଇ ଅଙ୍କ ତଳକୁ ଖସିଲା ପାରଦ : ଆଜି ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡିରେ ୯.୫ ଏବଂ ଫୁଲବାଣୀରେ ୯.୮ ଡିଗ୍ରୀ

କନ୍ଧମାଳ,୧୧।୧୧ (ନି.ପ୍ର): କନ୍ଧମାଳରେ ଜିଲ୍ଲାରେ ଶୀତର ପ୍ରଭାବ ଧିରେଧିରେ ଆରମ୍ଭ ହୋଇ ହଠାତ ବୃଦ୍ଧି ପାଇଛି । ତିନି ଦିନ ତଳେ ଜିଲ୍ଲାରେ ତାପମାତ୍ରା ହଠାତ ତଳକୁ ଖସି ଆସି ୧୫. ଡିଗ୍ରୀ ହୋଇଥିଲା। ତାପରେ ଏହା ହଠାତ ୧୦ କୁ ଖସି ଆସି ଆଜି ଏହା ଦୁଇ ଅଙ୍କ ତଳକୁ ଖସି ଜିଲ୍ଲାର ଦାରିଙ୍ଗବାଡିରେ ୯.୫ ଡିଗ୍ରୀ ସେଲସିଅସକୁ ହ୍ରାସ ପାଇଥିବାବେଳେ ଫୁଲବାଣୀରେ ୯.୮ ଡିଗ୍ରୀ ରହିଛି । ଫଳରେ ଜିଲ୍ଲାର ସବୁ ଅଂଚଳରେ ଭୀଷଣ ଶୀତର ପ୍ରଭାବ ଅନୁଭୁତ ହେଉଛି। ଜିଲ୍ଲାରେ କରୋନାର ଭୟ ସାଙ୍ଗକୁ ହଠାତ୍ ଏହି ଶୀତ ବଢିବାରୁ ଲୋକେ ସଂନ୍ଧ୍ୟା ହେଲେ ଘରୁ ବାହାରୁନାହାନ୍ତି । ସକାଳୁ ଫୁଲବାଣୀ ସହରରେ ଘନ କୁହୁଡି ଯୋଗୁଁ ଗାଡି ମଟର ଯାତାୟାତରେ ବାଧା ଉପୁଜୁଛି । ଫୁଲବାଣୀ ଏବଂ ଆଖପାଖ ଅଂଚଳର ଲୋକେ ସକାଳୁ ଉଠି ସେମାନଙ୍କର କାମ ଧନ୍ଦାକୁ ଯିବା ବେଳେ ଭୀଷଣ ଶୀତ ଯୋଗୁଁ ବାଟରେ ଅଟକି ଯାଇ ନିଆଁ ପାଖରେ ବସିଥିବା ଦେଖିବାକୁ ମିଳୁଛି । ସକାଳୁ ପଡିଆରେ ଏବଂ ରାସ୍ତାରେ ଦଳଦଳ ହୋଇ ଲୋକେ ବ୍ୟାୟାମ କରିବା ସହିତ ଶୀତର ମଜା ନେଉଥିବାର ଦେଖାଯାଉଛି । ସେହିପରି ସହରରେ ଥିବା ଚା ଦୋକାନ ଗୁଡିକରେ ମଧ୍ୟ ଚା ପିଇବା ସହିତ ସକାଳ ଶୀତ ଏବଂ କୁହୁଡିର ମଜା ନେବାକୁ ଲୋକେ ଜମା ହେଉଥିବାର ଦେଖିବାକୁ ମିଳୁଛି । ହେଲେ ଏହି ଶୀତ କନ୍ଧମାଳ ଜିଲ୍ଲାରେ ଥିବା ବାସହୀନ, ମାନସିକ ବିକଳାଙ୍ଗ ଏବଂ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଅତି କଷ୍ଟକର ହୋଇପଡିଛି । ବାସହୀନ ଏବଂ ନିରାଶ୍ରୟ ମାନଙ୍କ ପାଇଁ ଜିଲ୍ଲା ପୌର ପରିଷଦ ତରଫରୁ ଏକ ରାତ୍ରୀ କାଳୀନ ବିଶ୍ରାମ ଗାର ନିର୍ମାଣ ହୋଇଥିଲେ ହେଁ ସେଇଟି କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଫୁଲବାଣୀ ବସଷ୍ଟାଣ୍ଡ ନିକଟରେ ଥିବା ଏହି ନୂତନ ଗୃହଟି କୋଭିଡ ସଂକ୍ରମିତଙ୍କ ପାଇଁ କାର୍ଯ୍ୟରେ ନିୟୋଜିତ ହୋଇଥିଲା ସେଥିପାଇଁ ସେହି ଗୃହକୁ ସଫାସୁତୁରା କରିବା ସହିତ ସାନିଟାଇଜ କରାଯାଇଛି । ତେବେ ଏହାକୁ କୌଣସି ଘରୋଇ ଅନୁଷ୍ଠାନକୁ ପରିଚାଳନା ପାଇଁ ପ୍ରଦାନ କରାଯିବ । ଏହା କାର୍ଯ୍ୟକ୍ଷମ ହେବାକୁ କିଛି ଦିନ ଲାଗିବ ତେଣୁ ସେଠାରେ ଚଳିତ ବର୍ଷ ମଧ୍ୟ ଏକ ଅସ୍ଥାୟୀ ରାତ୍ରୀ କାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରା ସୁଚନା ଦେଇଛନ୍ତି । ସେହିପରି ଜିଲ୍ଲାର ସମସ୍ତ ବ୍ଲକରେ ବିଡିଓ ମାନଙ୍କ ଦାୟୀତ୍ୱରେ ସେଠାର ଲୋକଙ୍କ ପାଇଁ ଅସ୍ଥାୟୀ ରାତ୍ରୀ କାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବାକୁ ଜିଲ୍ଲା ପାଳଙ୍କ ନିର୍ଦ୍ଦେଶ ରହିଛି ତେଣୁ ଜିଲ୍ଲାର ସବୁ ବ୍ଲକ ଅଂଚଳରେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ନିର୍ମାଣ ହେବ ବୋଲି ଜିଲ୍ଲା ଆପାତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ସୂଚନା ଦେଇଛନ୍ତି । ତେବେ ଏହି ବର୍ଷ ଶୀତରେ ଜିଲ୍ଲାକୁ ପର୍ଯ୍ୟଟକଙ୍କ ଆଗମନ ହେଉ ନାହିଁ କରୋନା ସଂକ୍ରମଣ ଯୋଗୁଁ ପର୍ଯ୍ୟଟକଙ୍କ ଏହି ଜିଲ୍ଲାକୁ ଆସିବା ବନ୍ଦ ହୋଇଛି । ଜିଲ୍ଲାରେ ଥିବା ପର୍ଯ୍ୟଟନ ସ୍ଥଳୀ ସବୁ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି ତେଣୁ ଦାରିଙ୍ଗବାଡି ଅଂଚଳରେ ଥିବା ସମସ୍ତ ପର୍ଯ୍ୟଟନ ସ୍ଥଳି ଗୁଡିକ ବନ୍ଦ ରହିଛି । ସେଥିପାଇଁ ଚଳିତ ବର୍ଷ ଜିଲ୍ଲାକୁ ବାହାର ରାଜ୍ୟ କିମ୍ବା ଦେଶର ଲୋକଙ୍କ ଆଗମନ ମଧ୍ୟ ବନ୍ଦ । ଯାହା ଦ୍ୱାରା ଜିଲ୍ଲାର ଦାରିଙ୍ଗବାଡି,ବେଲଘର ସମେତ ଅନ୍ୟାନ୍ୟ ଦର୍ଶନୀୟ ସ୍ଥଳ ଗୁଡିକ ଆଖପାଖରେ ପର୍ଯ୍ୟଟକଙ୍କ ଉପରେ ଭରସା କରି ଚଳୁଥିବା ଲୋକଙ୍କର ରୋଜଗାର ମଧ୍ୟ ବାଧା ପାଇବ ।

# ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଖଣ୍ଡ ବିଖଣ୍ଡିତ ନ କରିବାକୁ ସଚେତନ ନାଗରକ ମଂଚର ଚେତାବନୀ

ବାରିପଦା ,୧୧।୧୧ (ନି.ପ୍ର): ବାରିପଦାଠାରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବା ବହୁ ସଂଗ୍ରାମର ଫଳ । କିନ୍ତୁ ବର୍ତମାନ ରାଜ୍ୟସରକାର ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଖଣ୍ଡବିଖଣ୍ଡିତ କରିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି । ଏହାକୁ ନେଇ ରାଜ୍ୟ ସରକାର ସଚେତନ ନ ହେଲେ, ଜନସାଧାରଣ ଛାତ୍ର ସମାଜ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ବାରିପଦାର ପୂର୍ବତନ ବିଧାୟକ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ୧୯୯୮ ମସିହାରେ ରାଜ୍ୟ ସରକାର ମୟୁରଭ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ନେଇ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ନୋଟିଫିକେସନ କରିଥିଲେ ଏବଂ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ଅସ୍ଥାୟୀଭାବେ ଭୁବନେଶ୍ୱରରେ ସ୍ଥାପନ କରିଥିଲେ କିନ୍ତୁ ପରବର୍ତୀ ସମୟରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ନେଇ ଏଫ.ଏମ. ୟୁନିର୍ଭରସିଟି ଏବଂ ମୟୁରଭ ଓ କେନ୍ଦୁଝର ଜିଲ୍ଲାକୁ ନେଇ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ୧୯୯୯ ମସିହାରେ ସ୍ଥାପନ କରାଯାଇଥିଲା। ପରବର୍ତୀ ସମୟରେ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କର ସୁବିଧା ନିମନ୍ତେ କେନ୍ଦୁଝରଠାରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଏକ ଏକ୍ସଟେନସନ କାଉଂଟର ଖୋଲାଯାଇଥିଲା ।ଏହାର ଉଦ୍ଦେଶ୍ୟ ଥିଲା । ମହାବିଦ୍ୟାଳୟମାନେ ଫର୍ମ ଫିଲପ ପରେ ସମସ୍ତ କାଗଜପତ୍ର କେନ୍ଦୁଝର ଏକ୍ସଟେନସିନ କାଉଂଟରରେ ଦାଖଲ କରିବେ ଏବଂ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ପିଲାମାନଙ୍କର ପ୍ରଭିଜନାଲ ମାର୍କସିଟ ଏବଂ ସାର୍ଟିଫିକେଟ ମହାବିଦ୍ୟାଳୟ ମାନେ ସେହି ଏକ୍ସଟେନସନ କାଉଂଟରୁ ନେଇ ପାରିବେ । କିନ୍ତୁ ସମୟକ୍ରମେ ରାଜ୍ୟ ସରକାରଙ୍କ ବିନା କୌଣସି ନୋଟିଫିକେସନରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ଏକ୍ସଟେନସନ କାଉଂଟରକୁ ଦ୍ୱିତୀୟ କ୍ୟାମ୍ପସର ମାନ୍ୟତା ଦେଇ ସେଠାରେ ୫ଟି ନିୟମିତ ବିଭାଗ ଖୋଲି ଦେଲେ ଏବଂ ରାଜ୍ୟ ସରକାର ଯେଉଁ ଟଙ୍କା ମଂଜୁର କଲେ ତାହା ସବୁ କେନ୍ଦୁଝର ଏକ୍ସଟେନସନ କାଉଂଟରରେ ଖର୍ଚ୍ଚ କରି ବାରିପଦାସ୍ଥିତ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଧିରେ ଧିରେ ଦୁର୍ବଳ କରିବାର ଚକ୍ରାନ୍ତ ଯାଇ ରଖିଲେ । ରାଜ୍ୟ ସରକାରଙ୍କର କୌଣସି ନୋଟିଫିକେସନ ନ ଥାଇ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ କେଉଁ ଆଧାରରେ କେନ୍ଦୁଝର ଏକ୍ସଟେନସନ କାଉଂଟରକୁ ଦ୍ୱିତୀୟ କ୍ୟାମ୍ପସର ମାନ୍ୟତା ଦେଲେ ଏବଂ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ କେଉଁ ଆଧାରରେ ଦ୍ୱିତୀୟ କ୍ୟାମ୍ପସର ମାନ୍ୟତା ଦେଲେ ଏବଂ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ କେଉଁ ଆଧାରରେ ଦ୍ୱିତୀୟ କ୍ୟାମ୍ପସ ପାଇଁ ଟଙ୍କା ମଂଜୁର କଲେ ବୋଲି ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପାଇଁ ସଂଗ୍ରାମ କରିଥିବା ଏମ.ପି.ସି. କଲେଜର ପୂର୍ବତନ ଛାତ୍ର ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ପ୍ରଶ୍ନ କରିଛନ୍ତି । ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାକ୍ - ବି ଗ୍ରେଡ ପାଇଥିବାରୁ କେନ୍ଦ୍ର ସରକାର ଦୂରନିରନ୍ତର ଶିକ୍ଷା ଖୋଲିବାକୁ ଅନୁମତି ଦେଇନାହାନ୍ତି । କାରଣ ବର୍ତମାନର ନିୟମ ଅନୁସାରେ ଦୂରନିରନ୍ତର ଶିକ୍ଷା ଖୋଲିବାକୁ ହେଲେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ନାକ୍ ଏକ୍ରିଡେସନ - ଏ ଗ୍ରେଡ ପାଇବାକୁ ହେବ । ରାଜ୍ୟ ସରକାର ଯଦି ସବୁ ଟଙ୍କା କେନ୍ଦୁଝର ଏକ୍ସଟେନସନ କାଉଂଟରରେ ଖର୍ଚ୍ଚ କରିବେ ଏବଂ ଡେପୁଟି ରେଜିଷ୍ଟ୍ରାର, ଡେପୁଟି କଂଟ୍ରଲାର ଓ ଅନ୍ୟ ପଦବୀରେ ଥିବା କର୍ମଚାରୀମାନଙ୍କୁ ଏକ୍ସଟେନସନ କାଉଂଟରକୁ ବଦଳି କରିବେ, ତାହା ହେଲେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ବି ଗ୍ରେଡ ଏକ୍ରିଡେସନ ପାଇବାରେ ଅସୁବିଧା ହେବ ବୋଲି ପୂର୍ବତନ ସିନେଟ ମେମ୍ବର ପ୍ରଦୀପ ନାୟକ, ସଂଘମିତ୍ରା ରାଉତ, ଜ୍ୟୋତି ପ୍ରକାଶ ରଥ, ରଂଜିତା ନାୟକ, ସନ୍ତୋଷ ମହାନ୍ତି, ସଂଜିବ ଆଚାର୍ଯ୍ୟ, ଶ୍ରୀମତୀ କଳ୍ପନା ଷଡଙ୍ଗୀ ଓ ସିଣ୍ଡିକେଟ ମେମ୍ବର ଓ ଏମ.ପି.ସି. କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦୀପକ କୁମାର ଷଡଙ୍ଗୀ କହିଛନ୍ତି । ଦୀର୍ଘ ବର୍ଷ ଧରି ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ସିନେଟ ଓ ସିଣ୍ଡିକେଟ ନିର୍ବାଚନ କରା ନ ଯିବାରୁ କେବଳ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ସିଣ୍ଡିକେଟର ମେମ୍ବର ରହିଲେ, ତେଣୁ ସେତେବେଳର ସିଣ୍ଡିକେଟ ବୋଧ ହୁଏ ଚାପର ବଶବର୍ତୀ ହୋଇ କେନ୍ଦୁଝରସ୍ଥିତ ଏକ୍ସଟେନସନ କାଉଂଟରକୁ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ମାନ୍ୟତା ଦେଇ ଦେଇଥିଲେ । ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପୂର୍ଣ୍ଣାଙ୍ଗ ସିଣ୍ଡିକେଟ ଗଠନ କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ମତ ପ୍ରକାଶ ପାଉଛି । ରାଜ୍ୟ ସରକାର କେନ୍ଦୁଝରବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଡି.ଡି. ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ କରିବା ସହିତ ନିୟମିତ ପି.ଜି. ଶ୍ରେଣୀ ସେଠାରେ ଖୋଲନ୍ତୁ କିନ୍ତୁ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଖଣ୍ଡ ବିଖଣ୍ଡିତ କରିବା ପ୍ରଚେଷ୍ଟାରୁ ବିରତ ନ ରହିଲେ ସଚେତନ ନାଗରିକ ମଂଚ ଓ ଛାତ୍ର ସମାଜକୁ ନେଇ ଆନ୍ଦୋଳନ କରାଯିବାକୁ ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଚେତାବନୀ ଦେଇଛନ୍ତି ଓ ଅନ୍ୟାନ୍ୟ ଅଗ୍ରଣୀ ଛାତ୍ର ସଂଗଠନ ଓ ରାଜନୈତିକ ବ୍ୟକ୍ତି ବିଶେଷ ଏଥିରେ ନିହାତି ସହଯୋଗ କରିବେ ବୋଲି ଶ୍ରୀ ଦାଶ ଦୃଢକ୍ତି ପ୍ରକାଶ କରିଛନ୍ତି ।

## ଯୌତୁକ ନିର୍ଯ୍ୟାତନା : ଯୁବତୀକୁ ପୋଡି ହତ୍ୟା ଅଭିଯୋଗ

ଜଳେଶ୍ୱର,୧୧।୧୧ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ପାଇକସିଦା ପଂଚାୟତର ଉତ୍ତରପଡା ଗାଁର ସୁରେନ୍ଦ୍ର ବେହେରାଙ୍କୁ ପୁଅ ବଳରାମ ବେହେରାଙ୍କ ପରିବାର ତାଙ୍କ ସ୍ତ୍ରୀ ଗାୟତ୍ରୀକୁ ଦୀର୍ଘବର୍ଷ ଯୌତୁକଲାଗି ଶାରିରୀକ, ମାନସିକ ନିର୍ଯ୍ୟାତନା ଦେଇ ଆସୁଥିବା ବେଳେ ସୋମବାର ରାତିରେ ତାକୁ ପୋଡି ମାରି ଦେଇଥିବାର ତା ବାପା ଦୟାନିଧି ସାହୁ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ଗତ ୫ବର୍ଷ ତଳେ ବଳରାମ ବେହେରା ରାୟାଁରାମଚନ୍ଦ୍ରପୁର ପଂଚାୟତର ଏକତାଳି ଗାଁର ଦୟାନିଧି ସାହୁ ଝିଅଙ୍କୁ ରାଜଘାଟସ୍ଥିତ ଜଗନ୍ନାଥ ମନ୍ଦିରରେ ବିବାହ କରିଥିଲେ । ବିବାହ ବେଳେ ସମସ୍ତ ଜାନୀ ଯୌତୁକ ଦିଆଯାଇଥିବାର ଦୟାନିଧି ସାହୁ ଥାନରେ ଲିଖିତଭାବେ ଜଣାଇଛନ୍ତି । ପରେ ଗାୟତ୍ରୀକୁ ଅଧିକ ଯୌତୁକ ଆଣିବା ପାଇଁ କୁହାଯିବାରୁ ବାପାଙ୍କ ଆର୍ଥିକ ଅବସ୍ଥାକୁ ଦେଖି ସେ ଅକ୍ଷମତା ପ୍ରକାଶ କରିଥିଲେ । କିନ୍ତୁ ସୁରେନ୍ଦ୍ର ବେହେରା ଓ ତାର ପରିବାର ଗାୟତ୍ରୀକୁ ବାରମ୍ବାର ମାରଧର କରିବା, ଖାଇବାକୁ ନ ଦେବା ଇତ୍ୟାଦିଯୋଗୁଁ ବାରମ୍ବାର ବୈଠକ ବସି ଆଲୋଚନା ହୋଇଥିଲା। । ଶେଷରେ ଗାୟତ୍ରୀ ପୋଡି ମରିଥିବାର ପରିବାର ଲୋକେ କହୁଥିବା ବେଳେ ତାକୁ ସୁପରିକଳ୍ପିତ ଭାବେ ପୋଡି ମାରିଥିବା ଅଭିଯୋଗ ହୋଇଛି । ତାର ୪ ବର୍ଷର ପିଲା ମଧ୍ୟ ରହିଛି ।

## କରୋନାରେ ମୃତ ସାମ୍ବାଦିକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ

ଭୁବନେଶ୍ୱର ,୧୧।୧୧ (ନି.ପ୍ର): କରୋନାରେ ମୃତ୍ୟୁବରଣ କରିଥିବା ସାମ୍ବାଦିକ ତାରିଣୀ ଚନ୍ଦ୍ର ପାଢ଼ୀଙ୍କ ପତ୍ନୀଙ୍କୁ ରାଜ୍ୟ ସରକାର ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଛନ୍ତି। କନ୍ଧମାଳ ଜିଲ୍ଲାରେ 'ପ୍ରମେୟ' ଖବରକାଗଜ ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକ ତାରିଣୀ ଚନ୍ଦ୍ର ପାଢ଼ୀ କରୋନା ଆକ୍ରାନ୍ତ ହୋଇ ଗତ ସେପ୍ଟେମ୍ବର ମାସ ୨୯ ତାରିଖରେ ଭୁବନେଶ୍ୱରସ୍ଥ କିମସ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପତ୍ନୀ ସବିତା ପାଢ଼ୀଙ୍କୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କୋଭିଡ୍ କଟକଣାରେ ମାଇକ୍, ଲାଇଟ୍, ଟେଣ୍ଟ, ମେଲୋଡି ମାଲିକ ଓ କଳାକାର ଅତିଷ୍ଠ

## ଜୀବନ ଜିବିକା ଲାଗି ସରକାରୀ ପ୍ରୋତ୍ସାହନ ଜରୁରୀ : ତହସିଲରେ ବିକ୍ଷୋଭ

ଜଳେଶ୍ୱର,୧୧।୧୧ (ନି.ପ୍ର): ଦୀର୍ଘ ୮ ମାସ ଧରି କୋଭିଦ୍୧୯ କଟକଣା ଯୋଗୁଁ କେଉଁଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇ ପାରୁନଥିବାରୁ ମାଲିକ ଓ କଳାକାର ମାନେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । ଏବେ ଜୀବନଜିବିକା ଲାଗି କୌଣସି ପନ୍ଥା ବାହାର କରିପାରିନଥିବାରୁ ସେମାନଙ୍କୁ ଆର୍ଥୀକ ସହାୟତା ଓ ବ୍ୟାଙ୍କ ଋଣ ଛାଡ କରିବାକୁ ଆଜି ଉତ୍ତର ବାଲେଶ୍ୱରକୁ କେନ୍ଦ୍ର କରି ଗଢିଉଠିଥିବା ସଂଘ ପକ୍ଷରୁ ଦାବି କରାଯାଇଛି ଓ ସେମାନେ ଏକ ଶୋଭାଯାତ୍ରାରେ ଷ୍ଟେସନଛକଠାରୁ ବାହାରି ତହସିଲ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଉତ୍ତର ବାଲେଶ୍ୱର ଟେଣ୍ଟ, ଲାଇଟ୍, ମେଲୋଡି, ମାଇକ୍ ସଂଘର ସଭାପତି ଗୌତମ ପ୍ରଧାନଙ୍କ ନେତୃତ୍ୱରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତାର ବହୁ ସଂଖ୍ୟକ ମାଲିକ, କଳାକାର, ବାଦ୍ୟକାର, ନୃତ୍ୟଶିଳ୍ପୀ, ମାଇକ୍ ଅପରେଟର, ବିଦ୍ୟୁତ୍ ଚାଳକ, ଟେଣ୍ଟ ମାଲିକ ମାନେ ପୂର୍ବ ସୂଚନା ଅନୁଯାୟୀ ଜଳେଶ୍ୱର ଷ୍ଟେସନ ବଜାରରୁ ଶୋଭାଯାତ୍ରା ଓ ବିଭିନ୍ନ ନରାବାଜି ଦେଇ ତହସିଲ ସମ୍ମୁଖରେ ପହଞ୍ଚିଥିଲେ । ଗୌତମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜଳେଶ୍ୱର ସଂପାଦକ କେଦାରନାଥ ଗିରି, ଆନନ୍ଦ ଚୌରସିଆ, ଜୟକୃଷ୍ଣ ପାତ୍ର, ଶିବ କର, ସୁବାଶ ଚନ୍ଦ୍ର ବେହେରା, ଯୁଧିଷ୍ଠିର ଦେ, ସଂଜୟ ପ୍ରଧାନ, ଭୋଗରାଇ ସଂଘର ସଭାପତି ବିମଳ ଚନ୍ଦ୍ର ବେହେରା, ସଂପାଦକ ଶମ୍ଭୁନାଥ ସି, ଉପସଭାପତି ଉଦ୍ଧବ ପାତ୍ର, ବାସ୍ତାର ସଭାପତି ସଂଜୟ କୁମାର ଗିରି, ସଂପାଦକ ପୂର୍ଣ୍ଣଚନ୍ଦ୍ର ଜେନା, ବାଲିଆପାଳର ସଭାପତି ବିମଳ ବେହେରା, ସଂପାଦକ ବିକ୍ରମାଦିତ୍ୟ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସେମାନେ ଟେଣ୍ଟ, ମେଲୋଡି, ଲାଇଟ୍ ଇତ୍ୟାଦି ସରଞ୍ଜାମ ବ୍ୟାଙ୍କରୁ ଋଣରେ ଆଣି ବିଭିନ୍ନ ସ୍ଥାନରେ ପାର୍ବଣ, ବ୍ରତ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ, ସଂଗୀତ ପରିବେଶଣ, ସଭାସମିତି ଆଦିରେ ଭାଗ ନେଇ ଆସୁଥିଲେ । ଶହ ଶହ ଗାୟକ, ଗାୟିକା ଯନ୍ତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ ଓ ଅପରେଟର ଭାବେ କାର୍ଯ୍ୟକରି ପେଟ ପୋଷି ଆସୁଥିଲେ । କୋଭିଦ୍ ମହାମାରୀ ଯୋଗୁଁ ସେମାନଙ୍କ ଜିବୀକା ବୁଡି ଯାଇଥିବାରୁ ସେମାନେ ଘରେ ରହିଥିବାରୁ ବ୍ୟାଙ୍କ କିସ୍ତି ଦେଇ ପାରିନାହାନ୍ତିତ । ବିଭିନ୍ନ ଯନ୍ତ୍ରପାତି ୮୫ମାସ ମଧ୍ୟରେ ବିଗିଡି ଗଲାଣି, କିନ୍ତୁ ଏବେ ସଭାସମିତି, ଧର୍ମଘଟ, ସପିଂମଲ, ରେଷ୍ଟୁରେଣ୍ଟ, ହେଟେଲ ଇତ୍ୟାଦି ଖୋଲିଥିବା ବେଳେ ସାଂସ୍କୃତି କାର୍ଯ୍ୟକ୍ରମରେ ବାଧା କାହିଁକି ବୋ ଲି ପ୍ରଶ୍ନ କରିଥିଲେ । ତେଣୁ ସାଂସ୍କୃତିକ କାର୍ଯ୍ୟକମକୁ ଅନୁମତି ଦେବାସହ ବ୍ୟାଙ୍କ ଋଣ ଛାଡ କରିବା ଓ ଭତ୍ତା ଦେବାର ସୁବନ୍ଦୋବସ୍ତ କରିବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଅନ୍ୟଥା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଡିଏସଏସଓ ଅଫିସ ସମ୍ମୁଖରେ ପିଏଜି ମାନଙ୍କ ଧାରଣା




ବାରିପଦା ,୧୧।୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାର ୨୬ ଟି ବ୍ଲକରେ କାର୍ଯ୍ୟରତ ପିଏଜି ମାନେ ଆଜି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କର ବକେୟା ଦରମା ପ୍ରଦାନ ଦାବୀରେ ଧାରଣାରେ ବସିଥିଲେ । ସୂଚନା ମୁତାବକ ପିଏଜି ମାନେ ଦୀର୍ଘ ଏକ ବର୍ଷ ଧରି ଡିପିଏମ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକରି ଆସୁଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କୁ ସେମାନଙ୍କର ଦରମା ପ୍ରଦାନ କରାଯାଇ ନଥିବାରୁ ସେମାନେ ବହୁ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି । ଏବାବଦରେ ସେମାନେ ବାରମ୍ବାର ଡିପିଏମ ରାଜ୍ୟ ସଂଯୋଜକ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ ମଧ୍ୟ ସେମାନଙ୍କ ଅଦ୍ୟାବଧି ଦରମା ମିଳି ନଥିବାରୁ ଆଜି ବାଧ୍ୟ ହୋଇ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୋଭିଡ ରୁଲ ପାଳନ ପୂର୍ବକ ଧାରଣାରେ ବସିଥିଲେ । ତେବେ ରାଜ୍ୟ ସଂଯୋଜକ ଖୁବଶୀଘ୍ର ପିଜିଏ ମାନଙ୍କ ଦରମା ପ୍ରଦାନ ବାବଦରେ ନଷ୍ପତ୍ତି ଗ୍ରହଣ କରାଯିବ ବୋଲି ଲିଖିତ ଭାବରେ ଆନ୍ଦୋଳନ କାରୀଙ୍କୁ ପ୍ରତିଶୃତି ପ୍ରଦାନ କରିବା ପରେ ଧାରଣାରୁ ପିଜିଏ ମାନେ ଓହରି ଯାଇଥିବାର ଜଣାଯାଇଛି । ଯଦି ତୁରନ୍ତ ସେମାନଙ୍କର ଦରମା ନମିଳେ ତେବେ ସେମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ରାମ ଟୁଡୁ, ଖଗେଶ୍ୱର କବି, ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରମୁଖ ପିଜିଏ ମାନେ ।

## ଝାଡପିମ୍ପଳ ଅଙ୍ଗନୱାଡି କେନ୍ଦ୍ରରୁ ଚୋରି : ଥାନାରେ ଅଭିଯୋଗ

ଜଳେଶ୍ୱର,୧୧।୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାର୍ଡ ସେକ୍ଟରର ଝାଡପିମ୍ପଳ-୨ ଅଙ୍ଗନୱାଡି କେନ୍ଦ୍ରରେ ଗତ ୯ ତାରିଖ ରାତିରେ ବିଭିନ୍ନ ଆସବାପତ୍ର ଚୋରୀ ହୋଇଥିବାର ୧୦ତାରିଖରେ ଅଙ୍ଗନୱାଡି କର୍ମୀ ନିରୁପମା ଗିରି ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ୧୦ତାରିଖ ଅପରାହ୍ନ ୩.୩୦ରେ ସେ ଓ ହେଲପର୍ ଅଙ୍ଗନୱାଡି କେନ୍ଦ୍ରକୁ ସଫାସୁତରାପାଇଁ ଯାଇଥିବା ବେଳେ ଦରଜାର ତାଲା ଭଂଗାଯାଇଥିବା ଦେଖିଥିଲେ । ଗାଁର ସଂଜୟ ଗିରି, ମୁନା ପ୍ରଧାନଙ୍କ ଉପସ୍ଥିତିରେ ଗୃହମଧ୍ୟକୁ ଅଂଗନୱାଡି କର୍ମୀ ଯାଇଥିଲେ । ଗ୍ୟାସ୍ ସିଲିଣ୍ଡର, ଚୋଲା, ଥାଳା ବାଟି, କାନ୍ଥଘଣ୍ଟା, ପ୍ଲାଷ୍ଟିକ ଚେୟାର, ପ୍ରେସର କୁକୁର ଓ କେତେକ ରେକଡ୍ ଚୋରୀ ହୋଇଥିବା ସଂପର୍କରେ ନିରୁପମା ଗିରି ଜଣାଇବା ପରେ ବ୍ଲକ ସୁପରଭାଇଜର ସାବିତ୍ରୀ ମହାନ୍ତି ତଦନ୍ତ କରି ଏ ସଂପର୍କରେ ଥାନାରେ ଜଣାଇଛନ୍ତି ।

# ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ମାନ

ଜଳେଶ୍ୱର,୧୧।୧୧ (ନି.ପ୍ର): ସମ୍ବର୍ଦ୍ଧନା ଓ ସମ୍ମାନ ପ୍ରତ୍ସୋହନ ଯୋଗାଏ, ଅଧିକ କାର୍ଯ୍ୟକରିବାକୁ ଆଗ୍ରହ ପ୍ରକାଶ ପାଏ ବୋଲି ଆଜି ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ ଏହାର ମୁଖ୍ୟ ପ୍ରଶାନ୍ତ କୁମାର ବାରିକ ଏଠାରେ ସୂଚନା ଦେଇଛନ୍ତି । ଏହି ଅବସରରେ ଜଳେଶ୍ୱରରେ ଗତ ଲକ୍‌ଡାଉନ୍, ସଟ୍‌ଡାଉନ୍ ସମୟରେ ନିଜକୁ ବିପଦକୁ ଠେଲି ଅନ୍ୟକୁ ସହାୟତା କରିଥିବାରୁ ଆଜି ନାମ୍ପୋ ଫାଣ୍ଡି ଏଏସ୍‌ଆଇ ଉମାକରନ୍ତ ମହାପାତ୍ର ନାରାୟଣ ମିଶ୍ର, ଭାନୁଚରଣ ମାଝୀ, ସୁନ୍ଦା ସାମନ୍ତ ରାୟ, ଟୁଟୁ ପାତ୍ର ଓ ସାମ୍ବାଦିକ ରଂଜନ କୁମାର ବେହେରା, ରାଧାଗୋବିନ୍ଦ ଦାସ, ସତ୍ୟବ୍ରତ ପ୍ରଧାନ ଓ ଅବନୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଫାଣ୍ଡି ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଗୋଟିଏ ବୃକ୍ଷ କୋଟିଏ ଜୀବନ ଶ୍ଲୋଗାନ ଦେଇ ଗଛ ଲଗାଇବା ଭବିଷ୍ୟତପାଇଁ ବୋ କହିଥିଲେ । ଅନ୍ୟମାନଙ୍କ ମଧ୍ୟାରେ ବିବେକାନନ୍ଦ ପ୍ରଧାନ, ମଳୟ ରଂଜନ ପାଣିଗ୍ରାହୀ, ଚନ୍ମୟ ପାଣିଗ୍ରାହୀ ଉପସ୍ଥିତ ଥିବା ବେଳେ ରାଜ୍ୟ ପ୍ରକଳ୍ପ ସଂଯୋଜକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଆଗାମୀ ଦିନରେ ଜଳେଶ୍ୱରରେ ସଚେତନତା ସୃଷ୍ଟି କରାଯିବ ବୋଲି କହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କଟକରେ ଆୟକର ଆପିଲେଟ...

ଠାର ଟିକସ ସଂଗ୍ରହ କରିବା ସମୟରେ ପ୍ରଶାସନ ସେମାନଙ୍କ ପ୍ରତି ଅସୁବିଧା ସୃଷ୍ଟିନ କରୁ; କିନ୍ତୁ ଯେତେବେଳେ ସେହି ଅର୍ଥ ନାଗରିକଙ୍କ ନିକଟରେ ପହଂଚୁଛି, ଲୋକମାନେ ନିଜ ଜୀବନରେ ତା'ର ଲାଭ ପାଆନ୍ତୁ। କିଛି ବର୍ଷ ଧରି ସରକାର ଏହି ଦୂରଦୃଷ୍ଟିନେଇ ଆଗକୁ ଚାଲିଛନ୍ତି ଏବଂ ଆଜିର ଟିକସଦାତା ସମ୍ପୂର୍ଣ୍ଣ ଟିକସ ବ୍ୟବସ୍ଥାରେ ବ୍ୟାପକ ପରିବର୍ତନ ଏବଂ ସ୍ୱଚ୍ଛତା ଦେଖିପାରୁଛି। ସେ କହିଥିଲେ ଏବେ ଟିକସଦାତାଙ୍କୁ ରିଫଣ୍ଡ ପାଇବାଲାଗି ଅଧିକ ବର୍ଷ ଅପେକ୍ଷା କରିବାକୁ ପଡୁନାହିଁ ଏବଂ ସେକିଛି ସପ୍ତାହ ମଧରେ ରିଫଣ୍ଡ ପାଇପାରୁଛନ୍ତି। ବିଭାଗ ବହୁଦିନର ବିବାଦକୁ ନିଜ ଆଡୁ ସମାଧାନ କରୁଛି ଓ ଆୟକର ଲଗାତାର ଭାବେ ହ୍ରାସ ପାଉଛି, ଏହି କାରଣରୁ ଟିକସଦାତା ଟିକସ ବ୍ୟବସ୍ଥାରେ ଅଧିକ ପାରଦର୍ଶିତାର ଅନୁଭବ କରିପାରୁଛି।ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶରେ ପାଂଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଆୟକର ଲାଗୁନ ହେବା କାରଣରୁ ଆଜି ନିମ୍ନମଧବିତ ଯୁବପିଢ଼ି ଅଧିକ ଲାଭ ପାଇପାରୁଛି। ଚଳିତ ବର୍ଷ ବଜେଟରେ ଆୟକରର ନୂଆ ବିକଳ୍ପ ପ୍ରଦାନ କରାଯିବା କାରଣରୁ ଟିକସଦାତାଙ୍କ ଜୀବନ ସହଜ ହୋଇପାରିଛି।

## ନାଗାର୍ଜୁନ ବେଶ...

ଶେଷ ହେବ ଭୋଗମଣ୍ଡପ ପରେ ଅପରାହ୍ନ ୨ଟା ରେ ବେଶ ଉଲାଗି ହେବ । ବିଗତ ବେଶ ପରମ୍ପରା ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ କ୍ଷ କରୋନା କଟକଣା ଯୋଗୁଁ ସାଧାରଣ ଭକ୍ତ ଦର୍ଶନ ବନ୍ଦ ରହିଛି କ୍ଷ ନୀତି ନିର୍ଘଣ୍ଟ ପରିଚାଳନା କମିଟି ରେ ଚୂଡାନ୍ତ ହେବ ।

## ଡିସେମ୍ବର ୮ରୁ ଇକୋ...

ଏହାକୁ ଆଉ ୫ ଟି ସ୍ଥାନକୁ ବୃଦ୍ଧି କରାଯାଇଛି। ଇକୋ ରିଟ୍ରିଟ୍ ପର୍ଯ୍ୟଟକମାନଙ୍କୁ ଓଡିଶାର ବିଭିନ୍ନ ପର୍ଯ୍ୟଟନ ଆବିଷ୍କାର କରିବାର ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ସମୟରେ କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରିବାକୁ ଏହା ସହିତ ଜଡିତ ସମସ୍ତଙ୍କୁ ତାଲିମ୍ ଦିଆଯାଇଛି। ତେଣୁ ପର୍ଯ୍ୟଟକମାନେ ଆଶ୍ୱସ୍ତ ରହିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ସାମୁଦ୍ରିକ ଡ୍ରାଇଭ୍ ଇକୋ ପଂଚାୟତର ପ୍ରଭାବ ବ୍ୟାପକ ପ୍ରଭାବ ସୃଷ୍ଟି କରିଛି ଯାହା ଜାନୁଆରୀ ୨୦୨୦ ରେ ପର୍ଯ୍ୟଟନ ମନ୍ତ୍ରୀଙ୍କ କନକ୍ଲେଭରେ ପ୍ରତିଫଳିତ ହୋଇଛି। ମୁଖ୍ୟ ସଚିବ ଶ୍ରୀ ଅସିତ ତ୍ରିପାଠୀ କହିଛନ୍ତି ଯେ ଇକୋ ରିଟ୍ରିଟ୍ ମଡେଲ ପରିବେଶ ସ୍ଥିରତା, ବୈଷୟିକ ଜ୍ଞାନ କୌଶଳ, ଦଳଗତ କାର୍ଯ୍ୟ, ସମୟାନୁବର୍ତୀତା ଦୃଷ୍ଟିରୁ ପ୍ରତ୍ୟେକ ସ୍ଥାନର ପର୍ଯ୍ୟଟନ ଭିତିକ ଭବିଷ୍ୟତ ପାଇଁ ପରିବର୍ତନଶୀଳ ହେବ।

## ଆଇଟିଏଟିର ନୂତନ...

ସମସ୍ୟାର ସମାଧାନ କରିଛନ୍ତି ବୋଲି ସେ କହିଛନ୍ତି । ଓଡିଶା ହେଉଛି କଳା, ସଂସ୍କୃତି ଏବଂ ଐତିହ୍ୟର ରାଜ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡ-୧୯ର ଏହି ପାର୍ବଣ ସମୟରେ ଓଡିଶା ତଥା ଦେଶବାସୀଙ୍କୁ ସତର୍କ ରହିବା ସହ ଅଧିକ ଭୋକାଲ ଫର୍ ଲୋକାଲ୍ ହେବା ଏବଂ ସ୍ଥାନୀୟ କଳାକାର, ବୁଣାକାର, ବେପାରୀ ଏବଂ ବ୍ୟବସାୟୀଙ୍କୁ ଯଥାସମ୍ଭବ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ପାଳନ କରିବା ସହ ଆତ୍ମନିର୍ଭର ଭାରତରେ ଯୋଗଦାନ କରିବା ପାଇଁ ଓଡିଶାବାସୀଙ୍କୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।

## ସହରାଂଚଳରେ ମଜୁରିଭିତ୍ତିକ...

ଏହି ଯୋଜନାର ସୁପରିଚାଳନା ଏବଂ ସଫଳତା ପାଇଁ ମିଶନ ଶକ୍ତି ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନିଂ ମଡ୍ୟୁଲ୍ ର ବିକାଶ କରାଯାଇଛି । ନିର୍ଦ୍ଧାରିତ ସମୟ ମଧରେ ପ୍ରକଳ୍ପ କାର୍ଯ୍ୟ ସାରିବା ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ପୌରାଂଚଳ ଏବଂ ମିଶନ ଶକ୍ତି କ୍ଷେତ୍ର ଅଧିକାରୀମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରାଯାଇଛି । ପୌରସଂସ୍ଥାଗୁଡ଼ିକ ପୌରାଂଚଳରେ ନିଯୁକ୍ତି ସୁଯୋଗ, ପଂଜୀକରଣ ପ୍ରକ୍ରିୟା ଏବଂ ଏହି ଯୋଜନାର ସୁଫଳ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ଏହି ଯୋଜନାରେ ମୁଖ୍ୟତଃ ସହରାଂଚଳର ଡ୍ରେନ୍ ?ଗୁଡ଼ିକର କଭର ଖୋଲି ସଫା କରିବା, ବର୍ଷା ଜଳ ଅମଳ ପ୍ରକଳ୍ପ ନିର୍ମାଣ, ବୃକ୍ଷରୋପଣ, ବର୍ଜ୍ୟବସ୍ତୁର ପୁନଃବ୍ୟବହାର, କାନ୍ଥଚିତ୍ର ଏବଂ ତୈଳଚିତ୍ର ମାଧମରେ ସହରଗୁଡ଼ିକର ସୌନ୍ଦର୍ଯ୍ୟକରଣ ଆଦି ଅନ୍ତର୍ଭୁକ୍ତ । ବର୍ତମାନ ରାଜ୍ୟର ୬୯୩୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୬୨.୦୮ କୋଟି ଟଙ୍କା ମଜୁରି ମୂଲ୍ୟ ବିନିମୟରେ ବିଭିନ୍ନ ପ୍ରକଳ୍ପ ପାଇଁ କାର୍ଯ୍ୟକାରୀ ସହଯୋଗୀ ଭାବେ ନିୟୋଜିତ ହୋଇଛନ୍ତି । ଏ ପର୍ଯ୍ୟନ୍ତ ଏହି ଗୋଷ୍ଠୀମାନେ ୭୦.୯୩ ଲକ୍ଷ ଟଙ୍କା ତଦାରଖ ବାବଦକୁ ପ୍ରାପ୍ୟ ପାଇଛନ୍ତି । କାର୍ଯ୍ୟକାରୀ ସହଯୋଗୀ ଭାବେ ଏହି ଗୋଷ୍ଠୀମାନେ ଏ ପର୍ଯ୍ୟନ୍ତ ପ୍ରାୟ ୩.୮୨ ଲକ୍ଷ ଶ୍ରମ ଦିବସ ବାବଦକୁ ୧୨.୦୯ କୋଟି ଟଙ୍କା ହିତାଧିକାରୀମାନଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରେରଣ କରିଛନ୍ତି । ତୃଣମୂଳ ସ୍ତରରେ ମହିଳାମାନଙ୍କୁ ସେମାନଙ୍କ ପରିଚୟ ଏବଂ ପ୍ରତିଷ୍ଠା ପାଇଁ ମିଶନ ଶକ୍ତି ଏକ ଶକ୍ତିଶାଳୀ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି । କୋଭିଡ୍-୧୯ ମହାମାରୀର କଠିନ ସମୟରେ ମିଶନ ଶକ୍ତିର ମହିଳା ଏସ୍‌ଏଚ୍‌ଜିମାନଙ୍କ ନେତୃତ୍ୱରେ ସହରାଂଚଳରେ ମଜୁରିଭିତିକ ରୋଜଗାର କାର୍ଯ୍ୟକ୍ରମ ମାଧମରେ ଗରିବ, ଶ୍ରମିକ ଏବଂ ଦିନମଜୁରିଆମାନଙ୍କୁ ଜୀବିକା ପ୍ରଦାନ ଦିଗରେ ଦୃଷ୍ଟାନ୍ତ ସୃଷ୍ଟି କରିଛି ।

## ଗୋଟିଏ ଦିନରେ...

ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧୩୪ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୫୮ , ବାଲେଶ୍ୱର ଜିଲ୍ଲାରେ ୨୧ ଜଣ, ବରଗଡ ଜିଲ୍ଲାରେ ୬୦ , ଭଦ୍ରକ ଜିଲ୍ଲାରେ ୨୮, ବଲାଙ୍ଗିର ଜିଲ୍ଲାରେ ୩୩, ବୌଦ୍ଧ ଜିଲ୍ଲାରେ ୫ ,କଟକ ଜିଲ୍ଲାରେ ୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୩, ଢେଙ୍କାନାଳ ଜିଲ୍ଲାରେ ୨୬, ଗଜପତି ଜିଲ୍ଲାରେ ୫. ଗଂଜାମ ଜିଲ୍ଲାରେ ୨୭, ଜଗତସିଂହପୁର ଜିଲ୍ଲାରେ୫୯, ଯାଜପୁର ଜିଲ୍ଲାରେ ୨୬ . ଝାରସୁଗୁଡା ଜିଲ୍ଲାରେ ୩୨, କଳାହାଣ୍ଡି ଜିଲ୍ଲାରେ ୫୯, କନ୍ଧମାଳ ଜିଲ୍ଲାରେ ୮, କେନ୍ଦ୍ରାପଡା ଜିଲ୍ଲାରେ ୪୮ , କେନ୍ଦୁଝର ଜିଲ୍ଲାରେ ୪୮, ଖୋର୍ଦ୍ଧା ଜିଲ୍ଲାରେ ୧୩୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨୧ ଜଣ, ମାଲକାନଗିରି ଜିଲ୍ଲାରେ ୧୯, ମୟୁରଭଂଜ ଜିଲ୍ଲାରେ ୪୬, ନବରଙ୍ଗପୁରରେ ୧୪, ନୟାଗଡ ଜିଲ୍ଲାରେ ୨୦, ନୂଆପଡା ଜିଲ୍ଲାରେ ୬୬, ପୁରୀ ଜିଲ୍ଲାରେ ୬୦, ରାୟଗଡା ଜିଲ୍ଲାରେ ୫, ସମ୍ବଲପୁର ଜିଲ୍ଲାରେ ୪୦ ,ସୋନପୁର ଜିଲ୍ଲାରେ ୧୩ ତଥା ସୁନ୍ଦରଗଡ ଜିଲ୍ଲାରେ ୧୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୨୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଭୁବନେଶ୍ୱରରୁ ୫୯...

ବେଳେ ଏଥିରୁ ୨୮,୯୨୮ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୭୬୨ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୮୫ ଜଣଙ୍କର ମୃତ୍ୟୁ ହୋଇଛି। ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଓଲ୍ଡ ଟାଉନ୍ ରୁ ୬ ଜଣ, ମଂଚେଶ୍ୱରରୁ ୪ ଜଣ, ପାତ୍ରପଡାରୁ ୩ ଜଣ, ସାଲିଆ ସାହି, ନିଳାଦ୍ରୀବିହାର, ବରମୁଣ୍ଡା , କପିଳ ପ୍ରସାଦ,ଖଣ୍ଡଗିରି ଓ ରସୁଲଗଡରୁ ୨ ଜଣ ଲେଖାଏଁ ରହିଛନ୍ତି।

## ଶିଳ୍ପ ସଂସ୍ଥାର ବର୍ଜ୍ୟ ...

ଭିତିଭୂମିର ବିକାଶ ଆଜିର ଆବଶ୍ୟକତା ବୋଲି ସେ ଦର୍ଶାଇଥିଲେ। ଏ ଦିଗରେ ଉଦ୍ୟୋଗୁଡ଼ିକୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଥିବାବେଳେ ଉଦ୍ୟୋଗୀମାନେ ମଧ ଆଗ୍ରହ ପ୍ରକାଶ କଲେ ସ୍ଥିତିରେ ଉନ୍ନତି ଆସିପାରିବ ବୋଲି ମନ୍ତ୍ରୀ ମତ ରଖିଥିଲେ। ସମ୍ମିଳନୀରେ ବିଶେଷଜ୍ଞମାନେ ଏ ଦିଗରେ ଆଗକୁ ରହିଥିବା ସମ୍ଭାବନାଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଏହି ଇସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ତଥା ନିର୍ଦ୍ଦେଶକ ଡ. କେ. ମୁରୁଗେସନ୍, ଗ୍ରୀନ୍ ଭୋରଟେକ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ରୀ ଶଙ୍କର ଶର୍ମା, ପୋଲିକ୍ରାକ୍ ଟେକ୍ନୋଲୋଜିର ଗ୍ଲୋବାଲ୍ ପ୍ରୋଜେକଫ ମୁଖ୍ୟ ସୁଶ୍ରୀ କିର୍ତୀମୟୀ ସ୍ୱାଇଁ, ଟାଟା ଷ୍ଟିଲ୍, ବିଏସ୍‌ଏଲ୍ ଲିଃର ମୁଖ୍ୟ ପରିବେଶବିତ୍ ଶ୍ରୀ ସରୋଜ କୁମାର ବାନାର୍ଜୀ, ଆପୋଲୋ ହସ୍‌ପିଟାଲ୍‌ର ସୁପରିଟେଣ୍ଡେଂଟ ଡ. ପାର୍ଥସାରଥୀ ଗୋସ୍ୱାମୀ, ଆମ୍ରି ହସ୍‌ପିଟାଲ୍‌ର ଏଭିପି ମୁଖ୍ୟ ସୁଶ୍ରୀ ନିଲାଞ୍ଜନା ମୁଖାର୍ଜୀ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡର ମୁଖ୍ୟ ପରିବେଶ ଯନ୍ତ୍ରୀ ଡ. ଏନ୍. ଆର୍. ସାହୁ ଯୋଗଦେଇଥିବାବେଳେ ଶ୍ରୀ ଜେ.ବି. ପାଣି ସମ୍ମିଳନୀ ପରିଚାଳନା କରିଥିଲେ ।

## ରାଜପଥ ପ୍ରଶସ୍ତିକରଣ...

ଉପଜିଲ୍ଲାପାଳ, ନେସ୍କୋ ଅଧିକାରୀ ଏବଂ ରାଜପଥ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବିଦ୍ୟୁତ ଖୁଣ୍ଟ, ଟ୍ରାନ୍ସଫର୍ମର ଆଦିକୁ ଶୀଘ୍ର ଅପସାରଣ କରି ରାସ୍ତା କାମ ଶେଷ କରିବାକୁ ମନ୍ତ୍ରୀ କହିଥିଲେ। ଏଥି ସହିତ ଭଦ୍ରକ ସହରର ପ୍ରାଣକେନ୍ଦ୍ର କୁହାଯାଉଥିବା ବନ୍ତ ଛକକୁ ଆକର୍ଷଣୀୟ କରିବାକୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ରାଜପଥ କର୍ତ୍ତୃପକ୍ଷ ରାମଚନ୍ଦ୍ର ପଣ୍ଡାଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ବନ୍ତ ଛକ କିପରି ଏକ ସୁନ୍ଦର ଓ ମନଲୋଭା ହେଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ କହିଥିଲେ। ଏହି ବୈଠକରେ ଭଦ୍ରକ ସାଂସଦ ମାନନୀୟା ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ମାନନୀୟ ସଂଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଏସ୍‌ପି ବିକାଶ ଦାଶ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ।

## ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ପାଇଲେ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ - ୨୦୨୦

ଭୁବନେଶ୍ୱର,୧୧।୧୧ (ନି.ପ୍ର): ବିଶିଷ୍ଟ ସାଧକ, ଗବେଷକ, ସମାଜସେବୀ ତଥା ସଂଗଠକ ସ୍ୱର୍ଗତଃ ପ୍ରଫେସର ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୫ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ଦ୍ୱାରା ଅନ୍‌ଲାଇନ୍ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ସାହିତ୍ୟ ସାଧକ, କୃତବିଦ୍ୟ ସ୍ରଷ୍ଟା ତଥା ଗବେଷକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କୁ ୩ୟ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୦ରେ ସମ୍ମାନିତ କରାଯାଇଛି । ଦୁର୍ଲ୍ଲଭ ଓ ଅମୂଲ୍ୟ ସାହିତ୍ୟକୃତି ଏବଂ ସାହିତ୍ୟ ଜଗତର ବରପୁତ୍ରଙ୍କ ଜୀବନୀ ଗୁଡ଼ିକୁ ପରବର୍ତ୍ତୀ ପିଢ଼ୀଙ୍କ ନିକଟରେ ପରିଚିତ କରେଇବା ପାଇଁ ନିଜର ଉଦ୍ୟମ ଜାରି ରହିବ ବୋଲି ଡ. ନନ୍ଦ ନିଜର ପ୍ରତିକ୍ରିୟାରେ କହିଛନ୍ତି । ପରିଷଦର ଅଧ୍ୟକ୍ଷ ଡ. ରମେଶ ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମ୍ମାନିତ ବକ୍ତାଭାବେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଡ. ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ । ବିଶିଷ୍ଟ ଅତିଥି ଓଡ଼ିଶା ବିଧାନସଭା ସଦାଚାର କମିଟିର ଅଧ୍ୟକ୍ଷ ବିଧାୟକ ଅମର ପ୍ରସାଦ ଶତପଥି ଡ. ପ୍ରଧାନଙ୍କ ପ୍ରଖର ରାଷ୍ଟ୍ରବାଦୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଭାରତ ସରକାରଙ୍କ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ କୃତି ଉପରେ ଏବଂ ଡ. ପ୍ରଧାନଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଓଡ଼ିଶା ସାହିତ୍ୟ ଏକାଡେମୀକୁ ଡ. ପ୍ରଧାନଙ୍କ ଜୀବନୀ ମା ମନୋଗ୍ରାମ ପ୍ରକାଶ କରିବାକୁ ଅନୁରୋଧ କରିଥିଲେ । ଶେଷରେ ପରିଷଦର ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉପାଧ୍ୟକ୍ଷ ଡ. ଅଭୟ ନାୟକ, ସଂଗଠନ ସମ୍ପାଦକ ନାରାୟଣ ନାୟକ, କୋଷାଧ୍ୟକ୍ଷ ଇଂ. ପ୍ରଦୀପ୍ତ କୁମାର ଦାସ, ଇଂ. ବିରଂଚି ନାରାୟଣ ପ୍ରଧାନ, ଇଂ. ସତ୍ୟଜିତ୍ ନାୟକ, ଭି. ବାଲାଜୀ ବିଶ୍ୱନାଥ, ଓମ୍‌ପ୍ରକାଶ ବିଶ୍ୱାଳ, ଚିନ୍ମୟ ବୋଡ଼େ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଉପ-ନିର୍ବାଚନ ଫଳକୁ ନେଇ ପ୍ରତିକ୍ରିୟା

### ଅର୍ଥବଳ-ବସ୍ତି ବାସିନ୍ଦାଙ୍କ ସହ ଚଞ୍ଚକତାରୁ ବିଜେଡିକୁ ସଫଳତା : କେନ୍ଦ୍ରମନ୍ତ୍ରୀ

ବାଲେଶ୍ୱର,୧୧।୧୧ (ନି.ପ୍ର): ସଦର ଉପ-ନିର୍ବାଚନ ଫଳାଫଳକୁ ନେଇ ବିଜେଡି ଶିବିରରେ ଖୁସୀର ବାତାବରଣ ବାରି ହୋଇପଡୁଥିବା ବେଳେ ପରାଜୟର କାରଣ ଖୋଜି ଆତ୍ମ ସମୀକ୍ଷା କରିଛି ବିଜେପି । ତେବେ ଶାସକ ଦଳ ବିଜେଡି ଅର୍ଥବଳ ଓ ଭୋଟରଙ୍କ ମାନସିକତା ସହ ଚଞ୍ଚକତା କରି ଏହି ବିଜୟ ହାସଲ କରିଛି ବୋଲି ଆରୋପ ଉଠାଇଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଏହି ପରିପ୍ରେକ୍ଷୀରେ ବିଜେପି ସଦର କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଯୋଗଦେଇ ଚଳିତ ଉପ-ନିର୍ବାଚନର ଜନାଦେଶକୁ ସମ୍ମାନ ଜଣାଇଥିଲେ । ଭୋଟରଙ୍କ ନିଷ୍ପତିକୁ ବିଜେପି ସମ୍ମାନ ଦେଉଥିଲେ ବି ବିଜେଡିର ଚଞ୍ଚକତା ଓ ଅର୍ଥବଳ ପ୍ରୟୋଗ ଭୋଟରଙ୍କ ମାନସିକତାକୁ ଉପହାସ ବୋଲି ସେ କହିଥିଲେ । ନିର୍ବାଚନରେ ଆଶାତୀତ ଅର୍ଥଖର୍ଚ୍ଚ ସାଙ୍ଗକୁ ବସ୍ତିବାସିନ୍ଦାଙ୍କ ଭୋଟ ହାତେଇବା ପାଇଁ ଶାସକ ଦଳ ବିଜେଡି ଭୂମିହୀନ ପରିବାରଙ୍କୁ ଜାଲ ଜମିପଟ୍ଟା (ଭୂମି ଅଧିକାର ପ୍ରମାଣପତ୍ର) ପ୍ରଦାନ କରିଛି ବୋଲି ସେ ଅଭିଯୋଗ କରିଥିଲେ । ଆଉ କିଛିଦିନ ପରେ ଏହାର ସତ୍ୟତା ଜଣାପଡ଼ିବା ପରେ ବସ୍ତିବାସିନ୍ଦା ବିଜେଡିର ଚଞ୍ଚକତାକୁ ନେଇ ମୁହଁ ଖୋଲିବେ ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ପ୍ରାର୍ଥୀ ମାନସ କୁମାର ଦତ୍ତ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ନିର୍ବାଚନ ଫଳାଫଳକୁ ନେଇ ଆଦୌ ବିଚଳିତ ନଥିବା ପ୍ରକାଶ କରିଥିଲେ । ସଦର ନିର୍ବାଚନମଣ୍ଡଳୀବାସୀଙ୍କ ଅକୁଣ୍ଠ ସହଯୋଗ ଫଳରେ ବାପା ସ୍ୱର୍ଗତ ମଦନ ମୋହନ ଦତ୍ତ ଗତ ନିର୍ବାଚନରେ ପାଇଥିବା ସଂଖ୍ୟକ ଭୋଟ ତାଙ୍କୁ ମିଳିପାରିଛି ବୋଲି ସେ କହିଥିଲେ । ନିର୍ବାଚନରେ ହାରିଗଲେ ବି ସେ ବାପାଙ୍କ ନୀତି ଅନୁସରଣ କରି ଲୋକଙ୍କ ସହ ରହିବେ ଓ ସମସ୍ତଙ୍କ ସମସ୍ୟା ସାଧାନ ପାଇଁ ଉଦ୍ୟମ କରି ଚାଲିବେ ବୋଲି ଶ୍ରୀ ଦତ୍ତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ୍ ଦାସ, ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବରିଷ୍ଠ ବିଜେପି ନେତା ସୁଜିତ୍ ଦେବ, ନଗର ସଭାପତି ଚିତ୍ତରଂଜନ ପଣ୍ଡାଙ୍କ ସମେତ ବହୁ ବିଜେପି ନେତା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।




ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ଦିନକରେ ୪ କରୋନା ରୋଗୀଙ୍କ ମୃତ୍ୟୁ

ବାଲେଶ୍ୱର,୧୧।୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି କରୋନା ସଂକ୍ରମଣ ହ୍ରାସ ପାଉଥିଲେ ବି ମୃତ୍ୟୁ ସଂଖ୍ୟା ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଆଜି ଗୋଟିଏ ଦିନରେ ମାତ୍ର ୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ୯୩୦ରେ ପହଞ୍ଚିଛି । ତେବେ ସେହି ଅନୁପାତରେ ସୁସ୍ଥ ସଂଖ୍ୟା ବୃଦ୍ଧିପାଇ ଆଜି ସୁଦ୍ଧା ମୋଟ ୧୦,୩୧୭ରେ ପହଞ୍ଚିଥିବା ବେଳେ ଏକ୍ଟିଭ୍ ଥିବା ୫୩୧ ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ତେବେ ଗତ କିଛିଦିନ ଧରି ଜିଲ୍ଲାରେ ବଢ଼ି ଚାଲିଥିବା କରୋନା ରୋଗୀଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଆଜି ଗୋଟିଏ ଦିନରେ ୪ ଜଣଙ୍କର ମୃତ୍ୟୁ ଜିଲ୍ଲାବାସୀଙ୍କ ପାଇଁ ଅତ୍ୟନ୍ତ ଆଲୋଡ଼ନର ବିଷୟ ହୋଇଛି । ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରେନା କରୋନା ପଜିଟିଭ୍ ଥିବା ବାଲେଶ୍ୱରର ୩୫ ବର୍ଷର ଯୁବକ, ୮୫ ବର୍ଷର ବୃଦ୍ଧା, ୬୩ ଓ ୬୭ବର୍ଷର ମହିଳାଙ୍କର ଆଜି ମୃତ୍ୟୁ ହୋଇଯାଇଛି । ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୬୭ରେ ପହଞ୍ଚିଛି । ସରକାରୀ ସୂତ୍ର ଅନୁସାରେ ଆଜି ସମଗ୍ର ଓଡ଼ିଶାରେ ୧୫ ଜଣ କରୋନା ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ କେବଳ ବାଲେଶ୍ୱର ଜିଲ୍ଲାର ୪ ଜଣ ଥିବା ଜଣାପଡ଼ିଛି । ତେବେ ଜିଲ୍ଲାରେ ଶୀତର ଲହରି ଆରମ୍ଭ ହୋଇଯାଇଥିବା ବେଳେ କରୋନା ପ୍ରକୋପ ପୁନର୍ବାର ବୃଦ୍ଧି ପାଇବାର ଯଥେଷ୍ଟ ଆଶଙ୍କା ରହିଛି । ଏଭଳି ସ୍ଥିତିରେ ଜିଲ୍ଲାବାସୀ ଅଧିକ ସତର୍କ ରହିବା ସହ ସାମାଜିକ ଦୂରତା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

### ଦେଶର ଶ୍ରେଷ୍ଠ ୧୦ ସରକାରୀ ସ୍କୁଲ ତାଲିକାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୧୧।୧୧ (ନି.ପ୍ର): ଦେଶର ଶ୍ରେଷ୍ଠ ୧୦ ସରକାରୀ ସ୍କୁଲ ତାଲିକାରେ 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ' ସ୍ଥାନ ପାଇଛି । ଗଂଜାମ ଜିଲ୍ଲା ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଶ୍ରେଷ୍ଠ ୧୦ଟି ସ୍କୁଲ ତାଲିକାରେ ୫ମ ସ୍ଥାନ ମିଳିଛି । ସେହିପରି ଆବାସିକ ବର୍ଗରେ ବଲାଙ୍ଗୀର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ୫ମ ସ୍ଥାନ ମିଳିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି ।

## ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଶୀଘ୍ର ଶେଷ କର : ମନ୍ତ୍ରୀ

ଭଦ୍ରକ,୧୧।୧୧ (ନି.ପ୍ର): ୧୬ ନଂ ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି । ଭଦ୍ରକ ଜିଲ୍ଲାର ଆଖୁଆପଦା ଠାରୁ ରାଣିତାଲ ପର୍ଯ୍ୟନ୍ତ ୧୬ ନଂ ଜାତୀୟ ରାଜପଥ ଭଦ୍ରକ ଜିଲ୍ଲା ମଧ୍ୟରେ ରହିଛି । ତେବେ ଏହି ପ୍ରଶସ୍ତିକରଣ କାର୍ଯ୍ୟ ଧିମେଇ ଧିମେଇ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ । ଏହି ପ୍ରଶସ୍ତିକରଣ କାର୍ଯ୍ୟ ଭଦ୍ରକ ଜିଲ୍ଲା ପରେ ବାଲେଶ୍ୱର ଜିଲ୍ଲାରେ ମଧ ହେଉଛି । ବିଶେଷ କରି ଭଦ୍ରକ ଜିଲ୍ଲାରେ ହେଉଥିବା ରାଜପଥ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ରାସ୍ତାର ବହୁ ସ୍ଥାନରେ ଡାଇଭର୍ସନ କରାଯାଇଛି । ଯାହା ସାଧାରଣ ଗାଡି ଚାଳକଙ୍କ ପାଇଁ ବିପଦ ହେଉଛି । ତୁରନ୍ତ ରାଜପଥ କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏ ନେଇ ଯେଉଁ ଅଞ୍ଚଳରେ ସମସ୍ୟା ଦେଖା ଦେଉଛି, ସେ ଅଞ୍ଚଳବାସୀ ଓ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ତୁରନ୍ତ ସମାଧାନ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପାଣିଗ୍ରାହୀ ଅଧ୍ୟକ୍ଷତା କରିବା ସହ ରାସ୍ତା ପ୍ରଶସ୍ତିକରଣରେ କ୍ଷେତ୍ରରେ ଯେଉଁ ସ୍ଥାନରେ ଅଧିକ ଜଳ ନିଷ୍କାସନର ସମସ୍ୟା ରହିଛି ସେଠାରେ ପୋଲ, ରାଜପଥ ପ୍ରଶସ୍ତିକରଣରେ ବାଧକ ସାଜୁଥିବା ବିଦ୍ୟୁତ ଖୁଣ୍ଟକୁ ତୁରନ୍ତ ଅପସାରଣ, ଜମି ଅଧିଗ୍ରହଣରେ ବାଧା ସୃଷ୍ଟି ହେଉଛି, ସେ ସବୁ ସମସ୍ୟାର ସମାଧାନ କରି ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନୀୟ ତହସିଲଦାର, ▶▶ପୃଷ୍ଠା ୭




## ସମାଜସେବୀ ଯତୀନ୍ଦ୍ର ନାଥ ଦାସପଟ୍ଟନାୟକଙ୍କ ଜୟନ୍ତୀ

ବାଲେଶ୍ୱର,୧୧।୧୧ (ନି.ପ୍ର): ଶ୍ରୀଜଗନ୍ନାଥ ଏଜୁକେସନାଲ ଫାଉଣ୍ଡେସନ ଅଧୀନ ବରୁଣସିଂ ଯୁକ୍ତଦୁଇ ଓ ଯୁକ୍ତତିନି ମହାବିଦ୍ୟାଳୟର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ଯତୀନ୍ଦ୍ର ନାଥ ଦାସପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଉତ୍ସବ ଆଜି ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସମ୍ପାଦକ ସମାଜସେବୀ ମାର୍କଣ୍ଡ ସେଠୀ ଯେଗଦେଇ ସ୍ୱର୍ଗତ ଦାସପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କର ଜୀବନାଦର୍ଶ ଓ ସମାଜସେବା ମୂଳକ କର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ଜଣେ ସ୍ୱୟଂସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବେ କେବଳ ଶିକ୍ଷାକ୍ଷେତ୍ର ନୁହେଁ ବରଂ ବରୁଣସିଂ ଅଞ୍ଚଳର ସର୍ବାଙ୍ଗୀନ ବିକାଶରେ ସ୍ୱର୍ଗତ ପଟ୍ଟନାୟକଙ୍କ ଅବଦାନ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ସେଠୀ ମତ ପ୍ରକାଶ କରିଥିଲେ । ଯୁକ୍ତ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ମହାନ୍ତି, ଅଧ୍ୟାପକ ଶଶିକାନ୍ତ ମହାନ୍ତି, କୈଳାସ ଚନ୍ଦ୍ର ସାମଲ, ଶାନ୍ତନୁ କୁମାର ପତି, ଜୟନ୍ତ କୁମାର ସେଠୀ, ଲାଇବ୍ରେରିଆନ ଗଣେଶ କୁମାର ପଲେଇ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦାସପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତିଷ୍ଠାତା ସ୍ୱର୍ଗତ ଦାସପଟ୍ଟନାୟକଙ୍କ ଜ୍ୟୋଷ୍ଠପୁତ୍ର ପ୍ରେମଚାନ୍ଦ ଦାସପଟ୍ଟନାୟକ, କନିଷ୍ଠ ପୁତ୍ର ଗୋରାଚାନ୍ଦ ଦାସପଟ୍ଟନାୟକଙ୍କ ସମେତ ଦାସପଟ୍ଟନାୟକ ପରିବାର ପରିବାରର ବହୁ ସଦସ୍ୟ ଏହି ଜୟନ୍ତୀ ଉତ୍ସବରେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଜନଜାତି ସୁରକ୍ଷା ମଂଚ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର




ବାରିପଦା ,୧୧।୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନଜାତି ସୁରକ୍ଷା ମଂଚ ମୟୂରଭ ଜିଲ୍ଲା ଶାଖା ପକ୍ଷରୁ ଧର୍ମାନ୍ତରିତ ଜନଜାତିଙ୍କୁ ଅନୁସୂଚିତ ଜନଜାତି ତାଲିକାରୁ ବାଦ ଦେଇ ତାଙ୍କୁ ସମ୍ବିଧାନରେ ଦିଆଯାଉଥିବା ସଂରକ୍ଷଣ ସମାପ୍ତ କରିବା ସମ୍ପର୍କିତ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି । ଜନଜାତି ସୁରକ୍ଷା ମଂଚରର କର୍ମକର୍ତ୍ତା ମାନେ ଜିଲ୍ଲାପାଳଙ୍କ କାର୍ଯାୟାଳୟକୁ ଆସି ଏହି ଦାବୀପତ୍ର ପ୍ରଦାନ କରିଥିବା ବେଳେ, ଏହି ଘଟଣା ବାବଦରେ ଦୀର୍ଘ ବର୍ଷ ଧରି ସଂସଦ ଏବଂ ସଂସଦ ବାହାରେ ଦାବୀ ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ କରାଯାଇଛି ।

## ଉତ୍କଳ ଆଲୁମିନାର ନୂତନ ୟୁନିଟ୍ ମୁଖ୍ୟଙ୍କୁ କର୍ମଚାରୀ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

ରାୟଗଡ଼ା ,୧୧।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରେ ଗଢି ଉଠିଥିବା ଉତ୍କଳ ଆଲୁମିନାର ନୂତନ କ୍ଷେତ୍ର ମୁଖ୍ୟ ଓ ସଭାପତି ଶ୍ରୀଯୁକ୍ତ ମଝର ବେଗଙ୍କୁ ଉତ୍କଳ ଆଲୁମିନାର ବିସ୍ଥାପିତ କର୍ମଚାରୀ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହା ପୂର୍ବେ ଶ୍ରୀ ଏନ ନାଗେଶ ଏହି ପଦବୀରେ ରହିଥିବା ବେଳେ ଶ୍ରୀଯୁକ୍ତ ବେଗ ଉପସଭାପତି ଭାବେ ଉତ୍କଳ ଆଲୁମିନା ରେ କାର୍ଯ୍ୟରତ ଥିଲେ । ନାଗେସ ମହୋଦୟଙ୍କ ବଦଳି ପରେ ଶ୍ରୀ ବେଗଙ୍କୁ ଉତ୍କଳ ଆଲୁମିନାର ସଭାପତି ଓ କ୍ଷେତ୍ର ମୁଖ୍ୟ ରୂପେ ଆଦିତ୍ୟ ବିର୍ଲାର ଏମଡି ନିଯୁକ୍ତ କରିଥିଲେ । ଶ୍ରୀ ବେଗ ଆଦିତ୍ୟ ବିର୍ଲାରେ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ବିଶ୍ୱସ୍ତ ଭାବରେ ରହି ନିଜ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଶ୍ରୀ ବେଗଙ୍କୁ ସ୍ଥାନୀୟ କମ୍ପାନୀର ତିନି ଖଣ୍ଡ ଗ୍ରାମର ତଥା ରାମିବେଡା, କେଣ୍ଟୁଖୁଣ୍ଟି ଓ ଡି କୋରାଲ ଗ୍ରାମର ବିସ୍ଥାପିତଙ୍କ ଦ୍ୱାରା ଗଠିତ ଉତ୍କଳ ଆଲୁମିନା ବିସ୍ଥାପିତ କର୍ମଚାରୀ ସଂଘ ଦ୍ୱାରା ଉତ୍କଳ ଆଲୁମିନାର ମୁଖ୍ୟ କାର୍ଯ୍ୟାଳୟରେ ଭେଟି ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ । ଅଞ୍ଚଳର ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା ନିଯୁକ୍ତିକୁ ଗୁରୁତ୍ୱ ଦେଇ କାର୍ଯ୍ୟକୁ ଆଗେଇ ନେବାକୁ ସଂଘ ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ନାଇକ ଓ ଅନ୍ୟ ସଭ୍ୟ ମାନେ ଅନୁରୋଧ କରିଥିଲେ । ଶ୍ରୀ ବେଗ ମଧ ସର୍ବ ପ୍ରଥମେ ଶିକ୍ଷା ସ୍ୱାସ୍ଥ୍ୟ ଓ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଇ ସମସ୍ତଙ୍କ ସହ ହାତ ମିଳାଇ କାର୍ଯ୍ୟ କରିବାକୁ ପ୍ରକାଶ କରିଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ନାଏକ, ସମ୍ପାଦକ ଆଲାରାମ୍ ଭତ୍ରା, ଶ୍ରୀରାମ ନାଏକ, ଜୋସେଫ ଭତ୍ରା, ଭଣ୍ଡାରି ମାଝୀ, ଉମେଶ ମାଝୀ, ସୁରେଶନ, ମୋତିରାମ,ସୁବାଷ, ଅଭିରାମ, ଖାଲିରମ୍, ତ୍ରିନାଥ, ବାବୁଲା, ଧର୍ମେନ୍ଦ୍ର ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।



## ରାଇବଣିଆ ଅଂଚଳରେ ଦେଶୀ ବିଦେଶୀ ମଦବିକ୍ରି ବନ୍ଦ ପ୍ରତିବାଦରେ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର,୧୧।୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନସ୍ଥ ରାଇବଣିଆ ଥାନାର ରାଇବଣିଆଠାରେ ଏକ ସରକାରୀ ମଦଦୋକାନ ଥିଲା ବେଳେ କାଳିକ, ରାଇବଣିଆ, ସର୍ଦ୍ଦାରବନ୍ଧ, ଓଲମରା, ମାକିଡିଆ, ଖୁଦିଆମାଝିସାହି, ଦକ୍ଷିଣ ପ୍ରହରାଜପୁର, ଶ୍ରୀରାମପୁର, ଚମାରଗାଁ, ଶୀଖରପୁର, ବରଡିହା, କଳମା, ଖୁଆଡ, ଶ୍ୟାମନଗର ପଂଚାୟତର ବିଭିନ୍ନ ସାହି, ବସ୍ତି ଗୁଡିକରେ ଚୋରାରେ ଦେଶୀ ଧ ବିଦେଶୀ ମଦ ବିକ୍ରୀ ହୋଇ ଆସୁଛି । ଉପାନ୍ତ ସୀମା ଆରପଟ ପର୍ଶ୍ଚିମବଂଗର ପର୍ଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନ, ନୟାଗ୍ରାମ, ଗୋପିବଲ୍ଲଭପୁର ଥାନା ଅଂଚଳରୁ ବ୍ୟାପକ ଦେଶୀ ଓ ବିଦେଶୀ ଚୋରମଦ ରାଇବଣିଆ ଅଂଚଳକୁ ଆସି ବିକ୍ରି ହେଉଛି । କେତେକ ଲୋକ ବିଶାକ୍ତ ମଦ କ୍ରିୟାରେ ଅସୁସ୍ଥ ହୋଇ ପଡୁଥିବା ବେଳେ ସେ ସଂପର୍କରେ ବିଶେଷ ତଥ୍ୟ ବାହାରକୁ ଆସିପାରୁନାହିଁ । ପାରିବାରିକ ଅଶାନ୍ତି ଅନ୍ୟଏକ ମୁଖ୍ୟ ସମସ୍ୟା ବୋଲି ପୁର୍ବତନ ସରପଂଚ ସନ୍ଦିପ କୁମାର ଘୋଷ, ଶଂକର କୁମାର ଘୋଷ, ରତିକାନ୍ତ ଦଳେଇ, ଆଶିଷ କୁମାର ଘୋଷ, ପୁତୁଲ ଦାସ, ବାସନ୍ତି ବାରିକ, ତପସ୍ୱିନୀ ଦାସ, ସକୁନ୍ତଳା ମହାନ୍ତି, ରୂପାଲି ଦାସ, ରିତା ଦେହୁରୀ, ଅନିତା ଜେନା ପ୍ରମୁଖ ସାମ୍ବାଦିକ ସମ୍ମିଳନନରେ ଅଭିଯୋଗ କରିଛନ୍ତି । ଏହା ବ୍ୟତିତ ରାଇବଣିଆ ଓଆଇସି, ଜଳେଶ୍ୱର ଏସ୍‌ଡିପିଓ, ବାଲେଶ୍ୱର ଏସ୍‌ପି, ଅବକାରୀ ଏସ୍‌ପି, ବାଲେଶ୍ୱର ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ହାତୀ ପଲଙ୍କ ଆତଙ୍କ : ଭାଙ୍ଗିଲେ ୩ ଘର, ରାତି ଅଧରେ ଜଙ୍ଗଲରେ ଆଶ୍ରୟ ନେଲେ

ଗୁଣୁପୁର ,୧୧।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ, କଳାହାଣ୍ଡି ସିମାନ୍ତ ମୁନିଗୁଡା ରେ ଅଧିନସ୍ଥ ରଘୁବାରି, ଡିମିରିଗୁଡା ଓ ଇଚ୍ଛାପୁର ପଞ୍ଚାୟତ ରେ ଏକ ହାତୀ ପଲ ପ୍ରାୟ ମାସେ ହେବ ଆତଙ୍କ ସୃଷ୍ଟି କରୁଥିବା ବେଳେ ଗତରାତିରେ ଏହି ହାତୀ ପଲ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ଡେଙ୍ଗିସୁର ଗାଁର ୩ଟି ଘରକୁ ଭାଙ୍ଗି ନଷ୍ଟ କରିଦେଇଛନ୍ତି । ହାତୀ ପଲ ଙ୍କୁ ଦେଖି ରାତି ଅଧରେ ଲୋକେ ନିକଟସ୍ଥ ଜଙ୍ଗଲ ରେ ଆଶ୍ରୟ ନେଇ ଆଜି ସକାଳୁ ପ୍ରାଣ ଭୟରେ ଗାଁ ଛାଡି ନିକଟ ବାମନଦେଓ ଗାଁ ରେ ଆଶ୍ରୟ ନେଇଛନ୍ତି । ଏହି ହାତୀ ପଲ ରେ ୧୦ରୁ ୧୨ଟି ହାତୀ ଥିବା ଜଣା ପଡିଛି । ଖବରପାଇ ବନ ବିଭାଗ କର୍ମଚାରୀ ମାନେ ଗାଁରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ସହାୟତା ପାଇଁ ପ୍ରତିଶୃତି ଦେଇଛନ୍ତି । ଏହି ହାତୀ ପଲ ଘରେ ଥିବା ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ କୁ ମଧ ନଷ୍ଟ କରିଦେଇଛନ୍ତି ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo